ଧରିତ୍ରୀ
DHARITRI
October 27- November 2, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ

## ନିଆରା ଦୀପାବଳି

ଆଲୋକର ପର୍ବ ଦୀପାବଳିର ପାଳନ କେବଳ ଦୀପ ଓ ଆତସବାଜିରେ ସୀମିତ ନୁହେଁ। ଭାରତର ବିଭିନ୍ନ ସ୍ଥାନରେ ବେଶ୍ ନିଆରା ଢଙ୍ଗରେ ବି ଏହାର ପାଳନ କରାଯାଇଥାଏ ...

ପ୍ରଚ୍ଛଦ ପ୍ରସଙ୍ଗ ୩



# ଦୀପାବଳିରେ କ'ଣ କରିବା ଶୁଭ

ଆଲୋକର ପର୍ବ ଦୀପାବଳି ଘରକୁ ସୁଖ, ସମୃଦ୍ଧି ଆଣିଥାଏ ; ଯାହାକୁ ଦୃଷ୍ଟିରେ ରଖି ଦୀପାବଳି ଆସିଲେ ଲୋକେ ଘରଦ୍ୱାର ସଫାସୁତରାରେ ଲାଗିଯାନ୍ତି। ତେବେ ଖାଲି ଘରଦ୍ୱାର ସଫା କରିଦେଲେ ତ ହେବନି, ଏହିଦିନ କିଛି ବିଶେଷ କାମ କରିବା ବି ଜରୁରୀ ; ଯାହା ଘର ପାଇଁ ଶୁଭ ହେବ...

* ଘରେ ସର୍ବଦା ଧନର ଅଭାବ ଲାଗି ରହୁଥିଲେ, ଦୀପାବଳି ଦିନ ଘରସାରା ଗଙ୍ଗାଜଳ ଛିଞ୍ଚି ନିଷ୍ଠାର ସହ ମାତା ଲକ୍ଷ୍ମୀଙ୍କୁ ପୂଜାକଲେ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି।
* ଏହି ପବିତ୍ର ଦିନରେ କିଛି ଗରିବ ଲୋକଙ୍କୁ ପେଟପୂରା ଖାଇବାକୁ ଦେବା ବି ଶୁଭ ହୋଇଥାଏ।
* ଯଦି ଏହା ସମ୍ଭବ ହେଉନାହିଁ, ତା'ହେଲେ ଏହିଦିନ ଘରେ ଯେଉଁ




ସାତ୍ତ୍ୱିକ ଭୋଜନ ପ୍ରସ୍ତୁତ କରିବେ, ସେଥିରୁ କିଛି କାଳୀଗାଇ ହେଉ ଅଥବା କଳା କୁକୁରକୁ ଖାଇବାକୁ ଦେଲେ ଘରେ ଥିବା ନକାରାତ୍ମକ ଶକ୍ତି ନଷ୍ଟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* ଦୀପାବଳି ଦିନ ଘରର ମୁଖ୍ୟ ଦୁଆର ନିକଟରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରି ଘରେ ଝୁଣା ଧୂପ ବୁଲାଇବା ଶୁଭଫଳ ପ୍ରଦାନ କରିଥାଏ।
* ସେହିପରି ଦୀପାବଳି ଦିନ ସନ୍ଧ୍ୟା ସମୟରେ ଚଉରାମୂଳ, ଘରର ଦୁଆର ମୁହଁ ଏବଂ ଠାକୁରଘରେ ଖେଁଟି ପକାଇ ଦୀପ ଲଗାଇଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି।
* ଧାନଦେବେ, ଦୀପାବଳି ଦିନ ଘରର ମୁଖ୍ୟ ଦୁଆର ମୁହଁର ଉଭୟ ପାର୍ଶ୍ୱରେ ସାମାନ୍ୟ ଅବିର ରଖି ତା' ଉପରେ ଦୁଇଟି ଦୀପ ଲଗାଇବା ଶୁଭ ହୋଇଥାଏ। ଏହି ଦୁଇଟି ଦୀପ ପ୍ରଭୁ ଗଣେଶ ଓ ମାତା ଲକ୍ଷ୍ମୀଙ୍କୁ ଘରକୁ ସ୍ୱାଗତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୭-ନଭେମ୍ବର ୨

**ମେଷ** – କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପାରିବାରିକ ସ୍ଥିତିରେ ଅବନତି, ବନ୍ଧୁଙ୍କ ସହ ମତଭେଦ, ଶାରିରୀକ ସୁସ୍ଥତା, ଅର୍ଥହାନୀର ବ୍ୟସ୍ତତା, ସାମାଜିକ ସମ୍ମାନ ପ୍ରାପ୍ତି, ଭ୍ରମଣ ସୁଯୋଗ, ନୂତନ କର୍ମ ସଂସ୍ଥାନ, ପାରିବାରିକ ଅସହଯୋଗ, ଆନୁଷ୍ଠାନିକ କାମରୁ ପ୍ରଶଂସା ॥

**ବୃଷ** – କର୍ମକ୍ଷେତ୍ରରେ ସମ୍ମାନ, ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ଅର୍ଥର ଆବଶ୍ୟକତା ପଡିବ, ମନ ପ୍ରଫୁଲ୍ଲ ରହିବ, ମୂଲ୍ୟବାନ ଦ୍ରବ୍ୟ ଲାଭ, ମାନସିକ ଆଶ୍ୱସ୍ତି, ଯାନ୍ତ୍ରିକ ତ୍ରୁଟି, ଛୋଟକଥାରୁ ଅନର୍ଥ ସୃଷ୍ଟି, ଦ୍ୱନ୍ଦ୍ୱରେ ପଡିପାରନ୍ତି, ମଜା ମଉଜର ମଉକା ॥

**ମିଥୁନ** – ବନ୍ଧୁଙ୍କଅର୍ଥସାହାଯ୍ୟ, ପାରିବାରିକ ସହଯୋଗ, ବିଗତ ଘଟଣାର ସମୀକ୍ଷା, କର୍ମକ୍ଷେତ୍ରରେ ପ୍ରଶଂସା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଗୁରୁଦାୟିତ୍ୱ ନେବେ, ଧର୍ମାନୁଷ୍ଠାନରେ ଅଗ୍ରଣୀ, କାର୍ଯ୍ୟର ନେତୃତ୍ୱ ନେବେ, ଦୂରଯାତ୍ରାର ଯୋଜନା ॥

**କର୍କଟ** – ସମସ୍ୟାବହୁଳ କର୍ମକ୍ଷେତ୍ର, ଝଞ୍ଜାଳ ବଢିଯିବ, ଚାପ ବୃଦ୍ଧି ପାଇବ, ଅବସର ପାଇବେନି, କାମ ହାସଲ କରିବେ, ଶାରିରୀକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, ବନ୍ଧୁ ସହ ଆଲୋଚନା ॥

**ସିଂହ** – ସମସ୍ୟା ସମାଧାନ, ଧନବ୍ୟୟରୁ ମନସ୍ତାପ, ବନ୍ଧୁସମ୍ପର୍କ ହାନି, ପରିସ୍ଥିତିର ମୁକାବିଲା, ଧର୍ମକାର୍ଯ୍ୟ ପ୍ରତି ରୁଚି, ପରିଜନଙ୍କ ସହ ଭ୍ରମଣ, କାର୍ଯ୍ୟସିଦ୍ଧିରୁ ଖୁସୀ, ଭ୍ରାତୃସମ୍ପର୍କରେ ଉନ୍ନତି, ଯାନବାହନର ନବୀକରଣ ॥

**କନ୍ୟା** – ନିରୁତ୍ସାହିତ ରହିବେ, ସହାୟତା ମିଳିବ, ବନ୍ଧୁ ମିଳନରୁ ଆନନ୍ଦ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଦୁଃସାଧ କାର୍ଯ୍ୟ ସାଧନ, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟ ନଷ୍ଟ, ଧନ କାମଟି ବିଳମ୍ବରେ ହେବ ॥

**ତୁଳା** – ଘର କାମରେ ବ୍ୟସ୍ତତା, ଅପେକ୍ଷାକୃତ ଅସୁବିଧା, ବନ୍ଧୁବିରୋଧ ହୋଇପାରନ୍ତି, ଅର୍ଥ ସାହାଯ୍ୟ ପାଇବେ, ଲାଭାଂଶ ବଢିବ, ପଡୋଶୀଙ୍କ ସହ ମନୋମାଳିନ୍ୟ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା କମିବ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

**ବିଛା** – ଶାରିରୀକ ଅସୁସ୍ଥତା, ପରିବାରରେ ଝଡ, ବନ୍ଧୁ କ୍ଷୁବ୍ଧ ହେବେ, ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ, ସାମୟିକ ମନ ଦୁଃଖ, ପରିସ୍ଥିତି ହାଲୁକା ରହିବ, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ ॥

**ଧନୁ** – କାର୍ଯ୍ୟାରମ୍ଭରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟରେ ପ୍ରଗତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସୁସମ୍ପର୍କ ବ୍ୟାହତ ହେବ, ଭୁଲ କାମ କରିପାରନ୍ତି, ଶାରିରୀକ ପୀଡ଼ାନୁଭବ, ସହକର୍ମୀଙ୍କ ପରାମର୍ଶ ॥

**ମକର** – ଆର୍ଥିକ ଦୃଢ଼ତା, ସଭାସମିତକୁ ଆହ୍ୱାନ, ପରିବହନରେ ବିବାଦ, ସାହିତ୍ୟାନୁରାଗରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ, ବିପନ୍ନ ମାନସିକତା, ଖର୍ଚ୍ଚ ପରିମାଣ ବଢିବ, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ପରିସ୍ଥିତି ବଦଳିପାରେ, ସ୍ତ୍ରୀଙ୍କ ଅଭିମାନ, ଅପହୃତ ଦ୍ରବ୍ୟର ସନ୍ଧାନ ॥

**କୁମ୍ଭ** – ଅର୍ଥ ଓ ସମ୍ମାନ ପାଇବେ, ସମସ୍ୟାକୁ ସୁଧାରି ନେବେ, ନୂତନ ବନ୍ଧୁସମ୍ପର୍କ, ଯାତ୍ରାକାଳୀନ ଅସୁବିଧା, ସ୍ୱାସ୍ଥ୍ୟ ଓ କାର୍ଯ୍ୟହାନି, ଗୁରୁଜନଙ୍କ ପ୍ରେରଣା, ମନୋବଳ ବୃଦ୍ଧି, ଅପ୍ରିୟଭାଷଣରୁ ବିବାଦ, ବ୍ୟବସାୟିକ ଉତ୍କର୍ଷତା, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**ମୀନ** – ଅଜୀର୍ଣ୍ଣ ପୀଡ଼ାରୁ କଷ୍ଟ, ଅତୀତ ଘଟଣାର ଅନୁଚିନ୍ତା, ପାରିବାରିକ କଳହ, ବକେୟା ଅର୍ଥ ଲାଭ, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ସମସ୍ୟାର ସମାଧାନ, ଆମୋଦ ପ୍ରମୋଦର ମଉକା, ସହଯୋଗର ଅଭାବ, ଦୂରଭ୍ରମଣର ଯୋଜନା ॥

# ଦୀପାବଳିରେ ମାତା ଲକ୍ଷ୍ମୀଙ୍କର ପୂଜା କରୁଥିଲେ...

ଘରର ସୁଖଶାନ୍ତି ବୃଦ୍ଧି ପାଇଁ ଅନେକେ ଦୀପାବଳି ଦିନ ମାତା ଲକ୍ଷ୍ମୀଙ୍କର ପୂଜା କରିଥାନ୍ତି। ମା'ଙ୍କୁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିବା ସହ ମା'ଙ୍କ ସ୍ତୋତ୍ର ମଧ୍ୟ ଗାନ କରିଥାନ୍ତି। ତେବେ ଏମିତି ବି କିଛି ବିଶେଷ ଜିନିଷ ରହିଛି, ଯାହାକୁ ଏହି ଦୀପାବଳି ଦିନ ମା'ଙ୍କୁ ସମର୍ପଣ କଲେ ମା'ଙ୍କର ପୂଜା ସଫଳ ହେବା ସହ ମାତୃକୃପା ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି: ମାତା ଲକ୍ଷ୍ମୀଙ୍କର ପ୍ରିୟ ଫୁଲ ହେଉଛି ପଦ୍ମ। ଯଦି ଦୀପାବଳି ଦିନ ମାତା ଲକ୍ଷ୍ମୀଙ୍କୁ ପଦ୍ମଫୁଲ ଅର୍ପଣ କରାଯାଏ, ତା'ହେଲେ ମା' ସନ୍ତୁଷ୍ଟ ହୋଇଥାନ୍ତି। ସେହିପରି ଦୀପାବଳି ଦିନ ମାତା ଲକ୍ଷ୍ମୀଙ୍କ ପାଦତଳେ କିଛି ଅରୁଆ ଚାଉଳ ଅର୍ପଣ କଲେ ଘରେ କେବେ ବି ଅନ୍ନର ଅଭାବ ଦେଖାଯାଇ ନ ଥାଏ। କେହି କେହି ଦୀପାବଳି ଦିନ ମାତା ଲକ୍ଷ୍ମୀଙ୍କ ସହ ପ୍ରଭୁ ଗଣେଶଙ୍କର ମଧ୍ୟ



ପୂଜାର୍ଚ୍ଚନା କରିଥାନ୍ତି। କୁହାଯାଏ, ଦୁବଘାସ ବିନା ପ୍ରଭୁ ଗଣେଶଙ୍କର ପୂଜା ଅଧୁରା ହୋଇଥାଏ। ତେଣୁ ପୂଜାରେ ଦୁବଘାସକୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କରିପାରିବେ। ପୂଜାରେ ଲଡୁ ଭୋଗ ମଧ୍ୟ କରିପାରିବେ। କାରଣ ଲଡୁ ଉଭୟ ପ୍ରଭୁ ଗଣେଶ ଓ ମାତା ଲକ୍ଷ୍ମୀଙ୍କର ପ୍ରିୟ ହୋଇଥାଏ। ଏହି ପୂଜାରେ ପାନ ମଧ୍ୟ ଅର୍ପଣ କରିବା ଶୁଭ ; ଏହା ଦୁଃଖକଷ୍ଟ ଦୂର କରିବା ସହ ମନସ୍କାମନା ପୂରଣ କରିବାରେ ସହାୟକ ହୋଇଥାଏ।

# ଦାରିଦ୍ର୍ୟତା ଆଣେ ଏସବୁ କାର୍ଯ୍ୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି କିଛି ଖାସ୍ କାର୍ଯ୍ୟ ରହିଛି, ଯାହାକୁ କରିବା ଦ୍ୱାରା ଘରର ଅମଙ୍ଗଳ ହେବା ସହ ଉନ୍ନତି ପଥରେ ବାଧା ଉପୁଜିଥାଏ। ଯେମିତିକି:**

* କିଛି କାରଣ ନ ଥାଇ କବାଟରେ ସର୍ବଦା ତାଲା ଝୁଲାଇ ରଖିଲେ ଘରର ଉନ୍ନତିରେ ବାଧା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ଗାଧୁଆ ଘରେ ଖାଲି ବାଲ୍ଟି ରଖିବା ବି ଅଶୁଭ ହୋଇଥାଏ।
* ଆଲମାରିରେ ଚାବିକାଠି ଝୁଲାଇ ରଖିବା ଶୁଭଙ୍କର ନୁହେଁ।



* ପାଣିଆରେ ଟୁଟି ଲଗେଇକି ରଖିବା ବି ଠିକ୍ ନୁହେଁ।
* ଦୁଆର ମୁହଁକୁ ଆସିଥିବା ଭିକାରିକୁ ଖାଲିହାତରେ ଫେରାଇବା ଆଦୌ ଠିକ୍ ନୁହେଁ। ତାଙ୍କ ମନରେ କଷ୍ଟ ହେଲେ ତା' ପ୍ରଭାବରେ ଘରକୁ ଦାରିଦ୍ର୍ୟତା ଆସିଥାଏ ବୋଲି ବିଶ୍ୱାସ କରାଯାଏ।
* ସେହିପରି ଘରକୁ କୌଣସି ଅତିଥି ଆସିଲେ ବିରକ୍ତିଭାବ ପ୍ରକାଶ କରିବା ବି ଆଦୌ ଭଲ ଲକ୍ଷଣ ନୁହେଁ।
* ଅଳସ ହୋଇ ସନ୍ଧ୍ୟା ସମୟରେ ଶୋଇବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ଘରର ଆର୍ଥିକ ସ୍ଥିତିକୁ ବି ଦୁର୍ବଳ କରିଥାଏ।
* ଭାଙ୍ଗିଯାଇଥିବା ପାନିଆ କିମ୍ବା ଅନ୍ୟ କୌଣସି ବସ୍ତୁକୁ ବ୍ୟବହାର କରିବା ବି ଆଦୌ ଶୁଭଙ୍କର ନୁହେଁ।
* ଦାନ୍ତରେ ନଖ ଛିଣ୍ଡାଇବାକୁ ମାତା ଲକ୍ଷ୍ମୀ ଆଦୌ ପସନ୍ଦ କରନ୍ତି ନାହିଁ। ଏହାଦ୍ୱାରା ଦାରିଦ୍ର୍ୟତା ଆସିଥାଏ।
* ଘରର ଡଷ୍ଟବିନ୍‌କୁ ପ୍ରତିଦିନ ସଫା ନ କଲେ ଏହାର ନକାରାତ୍ମକ ପ୍ରଭାବ ଘରର ଉନ୍ନତି ଉପରେ ପଡ଼ିଥାଏ ବୋଲି ଲୋକବିଶ୍ୱାସ ରହିଛି।
* ଦୁଆରବନ୍ଧକୁ ଗୋଇଠା ମାରିବା କିମ୍ବା ଦୁଆରବନ୍ଧରେ ବସିବା ବି ଉଚିତ୍ ନୁହେଁ। ଏହା ଘର ମଧ୍ୟକୁ ସକାରାତ୍ମକ ଶକ୍ତିକୁ ପ୍ରବେଶ କରାଇବାରେ ବାଧା ସୃଷ୍ଟି କରିଥାଏ।
* ପିନ୍ଧୁଥିବା ବସ୍ତ୍ର ଯଦି ଟିକେ ଚିରିଯାଇଥାଏ କିମ୍ବା ସେଥିରେ ସାମାନ୍ୟତମ ନିଆଁ ଝୁଲ ଲାଗିଯାଇଥାଏ, ତା'ହେଲେ ତାକୁ ଆଉ ବ୍ୟବହାର କରିବା ଠିକ୍ ନୁହେଁ। ଏହା ମଧ୍ୟ ଦାରିଦ୍ର୍ୟତାକୁ ଡାକି ଆଣିଥାଏ ବୋଲି ମାନ୍ୟତା ରହିଛି।
* ବେଶିଦିନ ଧରି ଘରେ ଅଳିଆ ଆବର୍ଜନାକୁ ଗଦେଇ ରଖିବା ଉଚିତ୍ ନୁହେଁ। ଏହା ଘରର ଉନ୍ନତି ସହ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ।

**ସୂଚନା**

ଦଶହରା ଛୁଟି ଉପଲକ୍ଷେ ଛୁଟିଦିନର ଅକ୍ଟୋବର ୧୩ରୁ ୧୯ ସଂସ୍କରଣ ପ୍ରକାଶ ପାଇ ପାରି ନଥିଲା। ଯେଉଁଥିପାଇଁ ପାଠକଙ୍କ ଟିକେ ହସ୍ତଗତ ହୋଇପାରି ନାହିଁ। ତେଣୁ ଏଥରର ପାଠକୀୟ ସ୍ତମ୍ଭଟି ପ୍ରକାଶ ପାଉନାହିଁ।

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନିଆରା ଦୀପାବଳି



ଦୀପାବଳିର ଆଲୋକମାଳା ମନେପକାଇଦିଏ ଏ ହେଉଛି ଅନ୍ଧକାର ଉପରେ ଆଲୋକର ଓ ଅଧର୍ମ ଉପରେ ଧର୍ମର ବିଜୟର ରାତି। ହେଲେ ଭାରତର ସବୁ ସ୍ଥାନରେ ଯେ କେବଳ ଦୀପ ଜଳାଇ, ଆଲୋକମାଳାରେ ସଜ୍ଜିତ କରି ଦୀପାବଳି ପାଳନ କରାଯାଏ ତାହା ନୁହେଁ, କିଛି ସ୍ଥାନରେ ଏହିଦିନକୁ କିଛି ଭିନ୍ନ ଢଙ୍ଗରେ ବି ପାଳନ କରାଯାଏ । କାରଣ ଏହିଦିନ ସହ କିଛି ଭିନ୍ନ ମାନ୍ୟତା ଓ ପ୍ରଥା ବି ଜଡ଼ିତ ଥାଏ । ଯେମିତିକି କେଉଁଠି ପରସ୍ପର ଉପରକୁ ଫୋପଡ଼ାଯାଏ ଆତସବାଜି ତ ଆଉ କେଉଁଠି ହୁଏ ନରକାସୁର ପୁତ୍ତଳିକା ଦହନ...

**ପରସ୍ପର ଉପରକୁ ଫୋପାଡନ୍ତି ଆତସବାଜି:** ଗୁଜରାଟର ପଞ୍ଚମହଲ ଜିଲାରେ ଦୀପାବଳି ପାଳିତ ହୁଏ ଏକ ନିଆରା ଢଙ୍ଗରେ। ଏଠି ଲୋକେ ପରସ୍ପର ଉପରକୁ ଜଳନ୍ତା ବାଣ ପକାଇଥାଆନ୍ତି। ପ୍ରତିବର୍ଷ ଦୀପାବଳିର ଏହି ପ୍ରଥା ପଞ୍ଚମହଲର ଭେଜଲପୁର ଗ୍ରାମରେ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଆସୁଛି। ଏହିଦିନ ୬-୭ ଜଣିଆ ଗ୍ରୁପ୍‌ଗୁଡ଼ିକ ପରସ୍ପର ଉପରକୁ ଏଭଳି ଜଳନ୍ତା ବାଣ ଫୋପାଡିଥାଆନ୍ତି ଯେ, ଲାଗେ ସତେ ଯେମିତି ଯୁଦ୍ଧ ଚାଲିଛି। ଏହି ଦୃଶ୍ୟକୁ କିଛି ଦୂରରେ ଥାଇ ଲୋକେ ମନଭରି ଉପଭୋଗ କରନ୍ତି। କାହିଁ କେଉଁ କାଳର ଏହି ପ୍ରଥା ଏବେ ବି ଚାଲିଛି। ତେବେ ସ୍ଥାନୀୟ ସରକାର ଏହି ପ୍ରଥାରେ ରୋକ୍ ଲଗାଇବାକୁ ଚେଷ୍ଟା ଚଳାଇଛନ୍ତି। କାରଣ ଏହା ପରିବେଶ ପ୍ରଦୂଷିତ କରିବା ସହ ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ। ଏହାବାଦ୍ ଗୁଜରାଟର କିଛି ଘରେ ଦୀପାବଳି ଦିନ ଘିଅ ଦୀପ ରାତିସାରା ଜଳାଯାଏ। ଦୀପରୁ ଯାହା ବଳିଥାଏ ତାକୁ ପରଦିନ ସକାଳେ କଜ୍ଜଳ ତିଆରି ପାଇଁ ବ୍ୟବହାର କରାଯାଏ, ଯାହାକୁ କି ମହିଳାମାନେ ଆଖିରେ ଲଗାନ୍ତି। ଏହାକୁ ଏକ ପବିତ୍ର ପ୍ରଥା ଭାବେ ବିବେଚନା କରାଯାଏ, ଯାହା କି ସମୃଦ୍ଧି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଏହାବାଦ୍ ଗୁଜରାଟର ନର୍ମଦା ଓ ବାରୁଚ ଜିଲାରେ ରହୁଥିବା କିଛି ଆଦିବାସୀ ସମ୍ପ୍ରଦାୟର ଲୋକେ ଆଲୋକର ପର୍ବ ଦୀପାବଳିକୁ ସୁସ୍ୱାସ୍ଥ୍ୟର ପ୍ରତୀକଭାବେ ବିବେଚନା କରି ପାଳନ କରିଥାନ୍ତି। ସେମାନେ ଏହାକୁ ୧୫ ଦିନ ପର୍ଯ୍ୟନ୍ତ ପାଳନ କରନ୍ତି। ଯେଉଁଥିରେ ଔଷଧୀୟ ବୃକ୍ଷ ଜଳାଯାଇଥାଏ। ଏହାକୁ ଜଳାଇବାଦ୍ୱାରା ଯେଉଁ ଧୂଆଁ ନିର୍ଗତ ହୁଏ ତାହା ସେମାନଙ୍କୁ ସୁସ୍ଥ ରଖେ। ଏହି ଦୀପାବଳି ପ୍ରଥା ପ୍ରକୃତରେ ବହୁତ ଖାସ୍ ଓ ସ୍ୱାସ୍ଥ୍ୟକର। ଏହି ପ୍ରଥା ଦର୍ଶାଇଥାଏ ଯେ, 'କଠିନ ଶ୍ରମ ଯଦିଓ ସମୃଦ୍ଧି ଆଣେ, ତେବେ ଏହି କଠିନ ଶ୍ରମ ପାଇଁ ସୁସ୍ୱାସ୍ଥ୍ୟ ନିହାତି ଜରୁରୀ।'

**ଆଲୋକର ପର୍ବ ଦୀପାବଳିର ପାଳନ କେବଳ ଦୀପ ଓ ଆତସବାଜିରେ ସୀମିତ ନୁହେଁ। ଭାରତର ବିଭିନ୍ନ ସ୍ଥାନରେ ବେଶ୍ ନିଆରା ଢଙ୍ଗରେ ବି ଏହାର ପାଳନ କରାଯାଇଥାଏ ...**

**ଶସ୍ୟର ବିବାହ:** ଛତିଶଗଡ଼, ବସ୍ତର ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଲୋକେ ଦୀପାବଳିକୁ 'ଦିୟାରୀ' ନାମରେ ପାଳନ କରିଥାନ୍ତି, ଯାହାର ଥାଏ କିଛି ସ୍ୱତନ୍ତ୍ର ପ୍ରଥା ପରମ୍ପରା। ଭଗବାନ୍ ନାରାୟଣଙ୍କ ଏକ ପ୍ରତିମା ସହ କ୍ଷେତର ଫସଲର ଏକ ଆନୁଷ୍ଠାନିକ ବିବାହ ସହିତ ଏହି ପର୍ବ ଆରମ୍ଭ ହୁଏ। ଉତ୍ସବର ପ୍ରଥମ ଦିନରେ ବସ୍ତରର ଆଦିବାସୀ ଗ୍ରାମରେ ପଶୁପାଳନ କରୁଥିବା ମାଲିକମାନଙ୍କୁ ମଦ୍ୟ ପ୍ରଦାନ କରି ସମ୍ମାନିତ କରାଯାଏ। ତିନି ଦିନ ଯାଏ ପାଳିତ ହେଉଥିବା ଏହି ନିଆରା ଦୀପାବଳି ପର୍ବରେ ଗୋରୁଙ୍କୁ ଫୁଲରେ ସଜାଯାଏ, ଡ୍ରମ ବଜାଯାଏ ଏବଂ ଫସଲକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ଭାବରେ ପୂଜା କରାଯାଇଥାଏ। ଖାସ୍‌କରି ନୂଆ ଶସ୍ୟ ଓ ଗୋରୁଙ୍କୁ ପୂଜା କରିବା ଲାଗି ଏହି ପର୍ବ ପାଳନ କରାଯାଇଥାଏ। କିଛି ଆଦିବାସୀ ସମ୍ପ୍ରଦାୟର ଲୋକେ ପ୍ରଭୁ ନାରାୟଣଙ୍କ ବିବାହରେ ଉପହାର ଦେବା ଲାଗି ଧାନ କେଣ୍ଡା ବି ଆଣିଥାନ୍ତି।

ସିନ୍ଧି ସମ୍ପ୍ରଦାୟରେ ମଧ୍ୟ ଦୀପାବଳିକୁ 'ଦିୟାରୀ' ନାମରେ ପାଳନ କରାଯାଏ। କିନ୍ତୁ ଏମାନଙ୍କ ପାଳନ ଛତିଶଗଡ଼ର ଆଦିବାସୀ ସମ୍ପ୍ରଦାୟଠୁ ଭିନ୍ନ। ଏମାନେ ମା' ଲକ୍ଷ୍ମୀଙ୍କୁ ପୂଜା କରନ୍ତି। ଏହିଦିନ ସେମାନେ ସୁନା ଓ ରୁପା ମୁଦ୍ରାକୁ କଞ୍ଚା କ୍ଷୀରରେ ସଫା କରନ୍ତି। ପୂଜା ପରେ ସେହି ସୁନା ରୁପା ମୁଦ୍ରାକୁ ନେଇ ଧୀରେ ଧୀରେ ଦାନ୍ତରେ ବାଡ଼େଇ ବାଡେଇ ଗୀତ ଗାଆନ୍ତି- ଲକ୍ଷ୍ମୀ ଆୟି, ଦାନତ ଭାଇ। ଅର୍ଥାତ୍ ଯେବେ ଲକ୍ଷ୍ମୀଙ୍କ ଆଗମନ ହୁଏ, ଦାରିଦ୍ର୍ୟ ଦୂର ହୁଏ ।

**ପଥର କା ମେଲା:** ହିମାଚଳ ପ୍ରଦେଶ ରାଜଧାନୀ ଶିମ୍‌ଲାଠାରୁ ପ୍ରାୟ ୩୦ କି.ମି. ଦୂର ଧାମୀସ୍ଥ ହଲୋଗରେ ପଥରର ଏକ ନିଆରା ମେଳା ଆୟୋଜିତ ହୁଏ। କାହିଁ କେଉଁ କାଳରୁ ପାଳିତ ହେଉଥିବା ଏହି ମେଳା ଏକ ଆଧ୍ୟାତ୍ମିକ ମେଳା ଓ ଏହା ଦୀପାବଳି ପରଦିନ ପାଳିତ ହୋଇଥାଏ। ଏହି ମେଳାରେ ଦୁଇ ସମୁଦାୟ ଭିତରେ ପଥର ଫୋପଡ଼ା ପର୍ବ ଚାଲେ। ଆଖିବୁଜା ଯିଏ ଯାହାକୁ ପଥର ଫୋପାଡ଼ନ୍ତି। ଏହା ସେପର୍ଯ୍ୟନ୍ତ ଚାଲେ ଯେ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ଲହୁ ଲୁହାଣ ନ ହୋଇଯାଏ। କାହିଁ କେବେଠାରୁ ଚାଲି ଆସିଥିବା ଏହି ମେଳାରେ ହଜାର ହଜାର ଲୋକ ଧାମୀ ମଇଦାନରେ ସାମିଲ ହୁଅନ୍ତି। ଧାମୀର ରାଜା ବି ରାଜକୀୟ ଠାଣିରେ ଏହି ମେଳା ସ୍ଥାନକୁ ପହଞ୍ଚନ୍ତି। କୁହାଯାଏ ପୂର୍ବେ ଏଠାରେ ପ୍ରତିବର୍ଷ ଭଦ୍ରକାଳୀଙ୍କୁ ନରବଳି ପ୍ରଦାନ କରାଯାଉଥିଲା। ହେଲେ ଧାମୀର ରାଣୀ ସତୀ ହେବା ପୂର୍ବରୁ ନରବଳି ପ୍ରଥାକୁ ବନ୍ଦ କରିବା ଲାଗି ଆଦେଶ ଦେଇଥିଲେ। ଏହାପରେ ଏଠାରେ ପଶୁବଳି ଆରମ୍ଭ ହୋଇଥିଲା। ପରେ ଏହାକୁ ବି ବନ୍ଦ କରାଗଲା। ଏହାପରେ 'ପଥର କା ମେଲା' ଆରମ୍ଭ ହୋଇଥିଲା। ମେଳାରେ ପଥର ବାଜି ରକ୍ତ ବାହାରିଲେ ସେହି ରକ୍ତକୁ ମା' ଭଦ୍ରକାଳୀଙ୍କଠାରେ ତିଳକ ଲଗାଯାଏ। କୁହାଯାଉଛି ଆଜିପର୍ଯ୍ୟନ୍ତ ଏହି ପଥର ମେଳା ଯୋଗୁ କାହାରି ମୃତ୍ୟୁ ହୋଇ ନାହିଁ।

**ଦୀପାବଳିରେ ପାଳିତ ହୁଏ 'ବନ୍ଦୀଛୋଡ୍' ଦିବସ:** ଶିଖ୍‌ମାନଙ୍କ ପାଇଁ ଦୀପାବଳି ପର୍ବ, ସେମାନଙ୍କର ସ୍ୱାଧୀନତା ପାଇଁ ଲଢ଼େଇର କାହାଣୀ ସହ ଜଡ଼ିତ। ଏ ହେଉଛି ସେ ସମୟର କଥା ଯେବେ ଶିଖ୍‌ମାନଙ୍କ ଷଷ୍ଠଗୁରୁ ଗୁରୁ ହରଗୋବିନ୍ଦ ସିଂଙ୍କ ଲୋକପ୍ରିୟତା ଓ ପ୍ରଭାବରେ ସମ୍ରାଟ ଜାହାଙ୍ଗୀର ଭୟଭୀତ ହୋଇ ତାଙ୍କୁ ବନ୍ଦୀ କରି ଗ୍ୱାଲିୟର୍ ଦୁର୍ଗରେ ରଖିଥିଲେ। ମୋଗଲମାନଙ୍କ ପ୍ରତି ବିପଦ ମଣାଯାଉଥିବା ଲୋକଙ୍କୁ ସେ ସମୟରେ ଏହି ଦୁର୍ଗରେ ବନ୍ଦୀ କରି ରଖାଯାଉଥିଲା। ଗୁରୁ ହରଗୋବିନ୍ଦ ସିଂଙ୍କ ବ୍ୟତୀତ ସେଠାରେ ଆହୁରି ୫୨ ଜଣ ରାଜା ବନ୍ଦୀ ହୋଇଥିଲେ। ତେବେ କୌଣସି ଏକ ଦୈବୀୟ ଘଟଣା ପରେ ସମ୍ରାଟ ଜାହାଙ୍ଗୀର →









ଦୀପାବଳି ଦିନ ହିଁ ଷଷ୍ଠଗୁରୁ ହରଗୋବିନ୍ଦ ସିଂଙ୍କୁ ମୁକ୍ତ କରିଥିଲେ। ହେଲେ ଗୁରୁ ଏକୁଟିଆ ମୁକ୍ତ ହେବାକୁ ରାଜି ହୋଇ ନ ଥିଲେ। ସେ କହିଥିଲେ ତାଙ୍କ ସହ ଅନ୍ୟ ୫୨ ଜଣ ରାଜାଙ୍କୁ ବି ମୁକ୍ତ କରାଯାଉ। ଶେଷରେ ଏହି ସର୍ତ୍ତରେ ଜାହାଙ୍ଗୀର ରାଜି ହୋଇଥିଲେ। ଆଉ ସମସ୍ତଙ୍କୁ ମୁକ୍ତ କରାଯାଇଥିଲା। କୁହାଯାଏ ଦୀପାବଳି ଦିନ ହିଁ ସମସ୍ତେ ମୁକ୍ତ ହୋଇଥିଲେ। ତେଣୁ ଏହିଦିନକୁ ଶିଖ୍‌ମାନେ 'ବନ୍ଦୀ ଛୋଡ୍' ଦିବସଭାବେ ପାଳନ କରିବା ଆରମ୍ଭ କରିଥିଲେ। ଆଉ ଅମୃତସରର ପ୍ରତି ଘରେ ଓ ଗୁରୁଦ୍ୱାରାରେ ଦୀପ ଜଳାଇ ସଜାଯାଇଥିଲା। ସେବେଠାରୁ ଦୀପାବଳିକୁ 'ବନ୍ଦୀ ଛୋଡ୍ ଦିବସ' ଭାବେ ପାଳନ କରି ଦୀପ ଜଳାଯିବା ସହ ବାଣ ଫୁଟାଯାଏ, ପରସ୍ପରକୁ ଉପହାର ପ୍ରଦାନ କରାଯାଏ ଓ ଭୋଜିଭାତର ଆୟୋଜନ ବି ହୁଏ।

**ନରକାସୁର ପୁତ୍ତଳିକା ଦହନ:** ଗୋଆରେ ଆଲୋକର ପର୍ବକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଏ। ଏଠାରେ ଦୀପାବଳି ନରକାସୁର ଚତୁର୍ଦ୍ଦଶୀ ଭାବେ ପରିଚିତ। ପୌରାଣିକ କଥାନୁସାରେ ନରକାସୁର ଗୋଆର ରାଜା ଥିଲେ। ସେ ଅହଂକାରୀ, ଦୁଷ୍ଟ ଏବଂ ତା' ଭିତରେ ଅଲୌକିକ କ୍ଷମତା ଥିଲା। ଭଗବାନ୍ ଶ୍ରୀକୃଷ୍ଣ ନରକାସୁରକୁ ନରକ ଚତୁର୍ଦ୍ଦଶୀ ଦିନ ବଧ କରିଥିଲେ, ଯାହାକୁ କି କୁଶକ୍ତି ଉପରେ ବିଜୟର ପ୍ରତୀକଭାବେ ବିବେଚନା କରାଯାଏ। ତେଣୁ କୁଶକ୍ତି ଓ ଅନ୍ଧକାରର ପ୍ରତୀକ ଭାବେ ନରକାସୁରର ପୁତ୍ତଳିକାକୁ ଏହିଦିନ ଦାହ କରାଯାଏ। ସ୍ଥାନୀୟ ଅଧିବାସୀ ଅଦରକାରୀ କାଗଜ, ଘାସ ଓ ଅନ୍ୟ କିଛି ଉପକରଣରେ ନରକାସୁର ପୁତ୍ତଳିକା ତିଆରି କରଥାନ୍ତି। ଏହାପରେ ସେହି ପୁତ୍ତଳିକାରେ ବାଣ ଭର୍ତ୍ତି କରାଯାଏ। ପରେ ତାହାକୁ ଗୋଆର ଗଳିକନ୍ଦିରେ ବୁଲାଇ ବୁଲାଇ ପ୍ରଦର୍ଶିତ କରାଯାଏ। ଦୀପାବଳି ପୂର୍ବଦିନ ସ୍ଥାନୀୟ ପୁରୁଷମାନଙ୍କ ଦ୍ୱାରା ଏହାକୁ ଦହନ କରାଯାଏ। ଏହା ଆଲୋକର ପର୍ବ ପାଳନର ପ୍ରାରମ୍ଭ ତଥା ଅନ୍ଧକାର ଓ କୁଶକ୍ତିର ଅନ୍ତକୁ ସୂଚାଏ। ତା'ଛଡ଼ା ଉପକୂଳ ରାଜ୍ୟରେ ନରକାସୁର ବଧ ପ୍ରତିଯୋଗିତା ବି ଆୟୋଜନ କରାଯାଏ। ଏଥିରେ ଶ୍ରୀକୃଷ୍ଣଙ୍କ ଭୂମିକାରେ ଅଭିନୟ କରୁଥିବା କଳାକାର ଭୋର୍‌ରେ ନରକାସୁର ସାଜିଥିବା କଳାକାରଙ୍କୁ ପ୍ରତୀକାତ୍ମକଭାବେ ବଧ କରନ୍ତି।

**ପୂର୍ବ ଭାରତରେ ମା' କାଳୀଙ୍କ ପୂଜା:** ଦୀପାବଳି ଅମାବାସ୍ୟାରେ ଯେଉଁଠି ଭାରତର ପ୍ରାୟ ସ୍ଥାନରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ, ପୂର୍ବ ଭାରତରେ ଖାସ୍‌କରି ପଶ୍ଚିମବଙ୍ଗ, ଓଡ଼ିଶା ଓ ଆସାମରେ ମା' କାଳୀଙ୍କ ଆରାଧନା କରାଯାଏ। କାଳୀ ପୂଜା 'ଶ୍ୟାମା ପୂଜା' ନାମରେ ବି ପରିଚିତ। ପୂର୍ବ ଭାରତରେ ଦୁର୍ଗାପୂଜା ପରେ ଏହି ପୂଜା ବେଶ୍ ଲୋକପ୍ରିୟ। କୋଲକାତାର ଦକ୍ଷିଣେଶ୍ୱର ଓ କାଳୀଘାଟ ମନ୍ଦିରରେ କାଳୀ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଏ। କାଳୀ ପୂଜାର ପୂର୍ବରାତି 'ଭୂତ ଚତୁର୍ଦ୍ଦଶୀ'ଭାବେ ପରିଚିତ। ଘରେ ଘରେ ଏହି ଭୂତ ଚତୁର୍ଦ୍ଦଶୀ ରାତିରେ କୁଶକ୍ତିକୁ ଦୂରେଇବା ଲାଗି ୧୪ଟି ଦୀପ ଜଳାଯାଇଥାଏ।

**ପୂର୍ବ ପୁରୁଷଙ୍କୁ ଡାକରା, ବଡ଼ ବଡୁଆ ହୋ...** ଦୀପାବଳି ରାତିରେ ଓଡ଼ିଶାର ପୁରପଲ୍ଲୀ ବଡ଼ ବଡୁଆ ହୋ ..ଗଙ୍ଗା ଯା.. ଗୟା ଯା...ବାଇଶି ପାହାଚେ ଗଡ଼ ଗଡଉଥା... ଧ୍ୱନିରେ ପ୍ରକମ୍ପିତ ହୁଏ। କାରଣ ଲୋକେ ଏକାଠି ହୋଇ କାଉଁରିଆ କାଠି ଜଳାଇ ବଡ଼ ବଡୁଆ ହୋ... ଗଙ୍ଗା ଯା... କହି ପୂର୍ବ ପୁରୁଷଙ୍କୁ ଆବାହନ କରିଥାନ୍ତି। ବିଶ୍ୱାସ ରହିଛି ଯେ, ଭୂପୃଷ୍ଠରେ ଶରୀର ତ୍ୟାଗ କଲାପରେ ବି ସ୍ୱର୍ଗରେ ପୂର୍ବ ପୁରୁଷମାନେ ଥାଆନ୍ତି। ଆଉ ଦୀପାବଳି ରାତିରେ ବଡ଼ ବଡୁଆ ଡାକି ସେହି ପୂର୍ବ ପୁରୁଷଙ୍କ ଆଶୀର୍ବାଦ ଭିକ୍ଷା କରାଯାଏ।

**ଯମରାଜାଙ୍କ ପାଇଁ ଜଳାଯାଏ ଦୀପ:** ଦୀପାବଳି ପୂର୍ବରୁ ପାଳନ କରାଯାଉଥିବା ଧନତେରସ୍ ପର୍ବ ମରାଠୀରେ ଧନ ତ୍ରୟୋଦଶୀ ନାମରେ ପରିଚିତ। ଏହିଦିନ ମରାଠୀ ମହିଳାମାନେ ଘରର ପ୍ରତ୍ୟେକ ପୁରୁଷ ସଦସ୍ୟଙ୍କ ଦୀର୍ଘ ଓ ସମୃଦ୍ଧି ଜୀବନ କାମନା କରି ତାଙ୍କ ନାମରେ ଗୋଟେ ଗୋଟେ ଦୀପ ଜାଳନ୍ତି। ମହାରାଷ୍ଟ୍ରରେ 'ଯମନଦୀପଦାନ' ଉତ୍ସବ ନାମରେ ବି ଏକ ଉତ୍ସବ ପାଳିତ ହୁଏ, ଯେଉଁଥିରେ ମୃତ୍ୟୁର ଦେବତା ଯମରାଜାଙ୍କ ସମ୍ମାନାର୍ଥେ ଅଟାରେ ପ୍ରସ୍ତୁତ ଦୀପ ଜଳାଯାଏ। ଏହି ପ୍ରଥା ସହିତ ଏକ ପୌରାଣିକ କଥାବସ୍ତୁ ଜଡ଼ିତ ରହିଛି। କୁହାଯାଏ ଜଣେ ରାଜକୁମାରଙ୍କ ଭାଗ୍ୟରେ ଲେଖାଥିଲା ଯେ, ବିବାହର ଚତୁର୍ଥୀରେ ତାଙ୍କର ମୃତ୍ୟୁ ହେବ। ହେଲେ ସେହି ଚତୁର୍ଥୀରେ ହିଁ ରାଜ କୁମାରଙ୍କ ପତ୍ନୀ ଦୁଆରେ ଦୀପ ଜଳାଇ ରାତି ସାରା ସ୍ୱାମୀଙ୍କୁ ଉଜାଗର ରଖିଲେ। ଭାଗ୍ୟରେ ତ ମୃତ୍ୟୁ ଲେଖାଥିଲା ତେଣୁ ଯମରାଜା ସର୍ପ ରୂପ ନେଇ ରାଜକୁମାରଙ୍କ କକ୍ଷରେ ପଶିବାକୁ ଉଦ୍ୟମ କଲେ। ହେଲେ ପତ୍ନୀଙ୍କ ଆକୁଳ ନିବେଦନ ସହ ସ୍ୱାମୀଙ୍କ ସୁରକ୍ଷା ପାଇଁ ଜଳାଇଥିବା ଦୀପ ଯୋଗୁ ଯମରାଜା ସେଦିନ ଆଉ ରାଜକୁମାରଙ୍କ ପ୍ରାଣ ନେଇପାରିଲେ ନାହିଁ। ସେବେଠାରୁ ଏହି ଦିନକୁ 'ଯମନଦୀପଦାନ' ଭାବେ ପାଳନ କରାଯାଉଛି। ଆଉ ଏହିଦିନ ରାତିସାରା ଯମରାଜାଙ୍କ ସମ୍ମାନାର୍ଥେ ଦୀପ ଜଳାଯାଉଛି।

ଏହାବାଦ୍ ମହାରାଷ୍ଟ୍ରର ଜଙ୍ଗଲ ଅଞ୍ଚଳରେ ରହୁଥିବା 'ଠକର୍' ନାମକ ଆଦିବାସୀ ସମ୍ପ୍ରଦାୟ ବି ଏକ ନିଆରା ଢଙ୍ଗରେ ଦୀପାବଳି ପାଳନ କରନ୍ତି। ଏଠାକାର ଅଧିବାସୀ ଚିବ୍ରା ନାମକ ଫଳକୁ ଶୁଖାଇ ସେଥିରେ ଦୀପ ତିଆରି କରି ତାକୁ ଗୋବର ଉପରେ ରଖି ଜଳାଇ ଦୀପାବଳି ପାଳନ କରନ୍ତି। ତା'ସହ ବେତର ଝୁଡିରେ ଶସ୍ୟ ରଖି ତାକୁ ମା' ଲକ୍ଷ୍ମୀଙ୍କ ପ୍ରତୀକଭାବେ ପୂଜା କରନ୍ତି। ଆଉ ଢୋଲର ତାଳେ ତାଳେ ଲୋକନୃତ୍ୟ ପରିବେଷଣ କରନ୍ତି।

**ଧାନକ୍ଷେତରେ ଖାଦ୍ୟ ଅର୍ପଣ:** ଦୀପାବଳିର ପ୍ରଥମ ଦିନରେ କର୍ନାଟକର ଅଧିବାସୀ ତୈଳସ୍ନାନ କରିଥାନ୍ତି। କାରଣ ବିଶ୍ୱାସ ରହିଛି ଯେ, ନରକାସୁରକୁ ବଧ କରିବା ପରେ ପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଶରୀରରୁ ରକ୍ତଛିଟାକୁ ସଫା କରିବା ଲାଗି ତୈଳ ସ୍ନାନ କରିଥିଲେ। ସେଥିପାଇଁ ଏହିଦିନ ଲୋକେ ନିଜକୁ ପାପରୁ ମୁକ୍ତ କରିବା ଲାଗି ତେଲରେ ଶରୀରକୁ ଘଷିଥାନ୍ତି। ଉପକୂଳବର୍ତ୍ତୀ କର୍ନାଟକରେ ଦୀପାବଳିକୁ ରାଜା ବାଳିଙ୍କ ଭକ୍ତିର ଦିନ ଭାବେ ବି ପାଳନ କରାଯାଏ, ଯାହାକି 'ବାଳିପାଦ୍ୟାମୀ' ଭାବେ ପରିଚିତ। ଏହିଦିନ ଚାଷୀମାନେ ଖୁସି ମନାନ୍ତି ଏବଂ ନିଜ ନିଜର ଧାନକ୍ଷେତରେ ଖାଦ୍ୟ ଅର୍ପଣ କରନ୍ତି। 'ବାଳିପାଦ୍ୟାମୀ'ରେ ଜୁଆଖେଳିବାର ପ୍ରଥା ମଧ୍ୟ ଅଛି। କୁହାଯାଏ ଭଗବାନ୍ ଶିବ ଓ ମା' ପାର୍ବତୀ ଏହିଦିନ ଗୋଟି ପକାଇ ଜୁଆଖେଳିଥିଲେ। ଯେଉଁଥିରେ ମା' ପାର୍ବତୀ ମହାଦେବଙ୍କୁ ପରାସ୍ତ କରିଥିଲେ। ଏହାପରେ କୁମାରସ୍ୱାମୀ ଖେଳିଥିଲେ ଓ ମା' ପାର୍ବତୀଙ୍କୁ ପରାସ୍ତ କରିଥିଲେ। ପରେ କୁମାରସ୍ୱାମୀଙ୍କୁ ପରାସ୍ତ କଲେ ଶ୍ରୀଗଣେଶ। ସେବେଠାରୁ ଏହିଦିନ ଉପକୂଳବର୍ତ୍ତୀ କର୍ନାଟକର ପ୍ରତି ପରିବାରରେ ଜୁଆ ଖେଳାଯାଏ ବୋଲି କୁହାଯାଏ।

କେବଳ ଏଇସବୁ ସ୍ଥାନ ନୁହେଁ ଭାରତର ଆହୁରି ଅନେକ ସ୍ଥାନରେ କିଛି ଭିନ୍ନ ଓ ନିଆରା ଢଙ୍ଗରେ ଦୀପାବଳି ପାଳନ ହୁଏ। ତେବେ ଦୀପାବଳି ପାଳନ କରିବାର ଶୈଳୀ ପଛେ ଭିନ୍ନ ହେଉ କିନ୍ତୁ ଧର୍ମ ଓ ସତ୍ୟର ସବୁବେଳେ ଜୟ ହେଉ।

–ଶିବାନୀ ମହାନ୍ତି







# ମିରର୍ ୱାର୍କ ଜୁଏଲେରୀ

















**ମିରର୍ ୱାର୍କ ଜୁଏଲେରୀର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ଟ୍ରାଡିସ୍‌ନାଲ୍ ତଥା ଏଥ୍‌ନିକ୍ ଆଉଟ୍‌ଫିଟ୍ ସାଙ୍ଗକୁ ଏମିତି ଜୁଏଲେରୀ ବେଶ୍ ଭଲ ମାନିଥାଏ। ମୁଖ୍ୟତଃ ଗୋଲ୍ଡେନ୍ , ସିଲଭର୍ ଅଥବା ଅକ୍ସିଡାଇଜ୍ଡ ଜୁଏଲେରୀ ଉପରେ କରାଯାଉଥିବା ଏହି ମିରର୍ ୱାର୍କ ଜୁଏଲେରୀକୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ସେଥିପାଇଁ ଏହାର ଅନେକ ଭେରାଇଟି ଦେଖିବାକୁ ମିଳେ, ଯାହାକୁ ଟ୍ରାଏ କରି ସହଜରେ ଟ୍ରେଣ୍ଡି ଲୁକ୍ ପାଇହୁଏ...**

* **ମିରର୍ ୱାର୍କ ନେକ୍‌ଲେସ୍:** ଏହି ନେକ୍‌ଲେସ୍‌କୁ ସିଲ୍କ ଶାଢି ହେଉ ଅବା ଲେହେଙ୍ଗା ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଏହା ସହିତ ଆଖିରେ ଟିକେ ଡିପ୍ ଲାଇନ୍‌ର କାଜଲ ଲଗାଇଲେ ଗର୍ଜିୟସ୍ ଲୁକ୍ ମିଳେ । କେହି କେହି ତ ମିରର୍ ୱାର୍କ ହୋଇଥିବା ମଲ୍ଟି କଲର୍ ନେକ୍‌ଲେସ୍ ବି ପିନ୍ଧୁଥିବା ଦେଖିବାକୁ ମିଳୁଛି । କାରଣ ଏହି ଟାଇପ୍‌ର ନେକ୍‌ଲେସ୍ କ୍ଲାସି ଲୁକ୍ ଦେଇଥାଏ । ସେଥିପାଇଁ ତ ଏହାକୁ ଶାଢି, ଲେହେଙ୍ଗା ହେଉ ଅବା ପ୍ଲେନ୍ ଡିପ୍ ନେକ୍‌ଲାଇନ୍ ଟପ୍ ସହିତ ଆରାମରେ କ୍ୟାରି କରିହୁଏ ।
* **ମିରର୍ ୱାର୍କ ଇୟର୍ ରିଂ:** ସାଧାରଣତଃ ମିରର୍ ୱାର୍କ ହୋଇଥିବା ଇୟର୍ ରିଂ ଅନ୍ୟ ଇୟର୍ ରିଂ ତୁଳନାରେ ଟିକେ ଓଜନିଆ ଲାଗିଥାଏ । କିନ୍ତୁ ଏହା ଚେହେରାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ବିଶେଷକରି ମିରର୍ ୱାର୍କ ହୋଇଥିବା ଝୁମ୍‌କା ଷ୍ଟାଇଲ୍ ଇୟର୍ ରିଂକୁ ଶାଢି ହେଉ ଅବା ହେଭି ଡିଜାଇନ୍‌ର ଲେହେଙ୍ଗା ସହିତ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ । ସେହିପରି ଏବେ ତ ମିରର୍ ୱାର୍କର ଚାନ୍ଦବାଲି ଇୟର୍ ରିଂ, ଅଫଗାନି ମିରର୍ ଇୟର୍ ରିଂ, ଷ୍ଟଡ୍ ଡିଜାଇନ୍ ମିରର୍ ୱାର୍କ ଇୟର୍ ରିଂର ମଧ୍ୟ ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି ।
* **ମିରର୍ ୱାର୍କ ଚୁଡ଼ି:** ଏହି ଟାଇପ୍‌ର ଚୁଡ଼ି ବି ଖୁବ୍ ସୁନ୍ଦର ଲାଗିଥାଏ ପିନ୍ଧିବାକୁ । ଶାଢି, ଲେହେଙ୍ଗା ହେଉ ଅବା ଅନ୍ୟ ଯେ କୌଣସି ଟ୍ରାଡିସ୍‌ନାଲ୍ ଆଉଟ୍‌ଫିଟ୍ ସହିତ ମିରର୍ ୱାର୍କ ବାଲା ଚୁଡ଼ି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଏହାର ଅନେକ ଭେରାଇଟି ମଧ୍ୟ ଆସେ । ଯେମିତିକି: ସେଟ୍ ଚୁଡ଼ି ଡିଜାଇନ୍, ମୋଟା ମୋଟା କଙ୍ଗନ୍ ଡିଜାଇନ୍‌ର ଚୁଡ଼ି ତଥା କଡ଼ା ଡିଜାଇନ୍‌ର ମିରର୍ ୱାର୍କ ଚୁଡ଼ି ଇତ୍ୟାଦି ଅନ୍ୟତମ ।
* **ମିରର୍ ୱାର୍କ ମୁଦି:** ହାତର ସୌନ୍ଦର୍ଯ୍ୟ ବଢାଇବାରେ ଚୁଡ଼ି ସହିତ ମୁଦିର ମଧ୍ୟ ଅନେକ ଭୂମିକା ରହିଥାଏ । ଖାସ୍ କରି ମିରର୍ ୱାର୍କ ହୋଇଥିବା ଅକ୍ସିଡାଇଜ୍ଡର ଟିକେ ବଡ଼ ସାଇଜ୍‌ର ଆଡଜେଷ୍ଟବଲ୍ ମୁଦି ଗୁଡ଼ିକ ହାତ ଆଙ୍ଗୁଠିକୁ ବେଶ୍ ମାନିଥାଏ । ବାହାଘର ହେଉ ଅବା ଏନ୍‌ଗେଜ୍‌ମେଣ୍ଟ ପାର୍ଟି ଅଥବା କୌଣସି ଫ୍ୟାମିଲି ଫଙ୍କସନ୍‌ରେ ପିନ୍ଧିବା ପାଇଁ ଏହି ଟାଇପ୍‌ର ମୁଦିକୁ ଆରାମରେ ଟ୍ରାଏ କରାଯାଇପାରେ ।
* **ମିରର୍ ୱାର୍କ ମାଙ୍ଗଟିକା:** ଫେଷ୍ଟିଭ୍ ସିଜିନ୍‌ରେ ମାଙ୍ଗଟିକା ବି ଆକର୍ଷଣୀୟ ଲୁକ୍ ଦେଇଥାଏ । ଆଉ ଯଦି କଥା ମିରର୍ ୱାର୍କ ମାଙ୍ଗଟିକାର ହୁଏ, ତା’ହେଲେ ଏହାକୁ ଶାଢି, ଲେହେଙ୍ଗା, ସରାରା ଶୁଟ୍ ସାଙ୍ଗେ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ ।

**କିଛି ଜରୁରୀ ଟିପ୍ସ**

- ମିରର୍ ୱାର୍କ ଜୁଏଲେରୀକୁ ଖୁବ୍ ଯତ୍ନର ସହ କ୍ୟାରି କରିବା ଦରକାର । ଟିକେ ଅନ୍ୟ ମନସ୍କ ହେଲେ ଏହା କେଉଁଠି ମାଡ଼ ହୋଇ ସେଥିରେ ଲାଗିଥିବା ଛୋଟ ଛୋଟ ମିରର୍‌ଗୁଡ଼ିକ ଖସି ଯିବାର ସମ୍ଭାବନା ଥାଏ ।
- ଜିମ୍ କରିବା ସମୟରେ ଅଥବା ସ୍ନାନ ମଜା ନେବାବେଳେ ଏହାକୁ ପିନ୍ଧିବା ଠିକ୍ ନୁହେଁ ।
- ଏହି ଟାଇପ୍‌ର ଜୁଏଲେରୀକୁ କୌଣସି ପ୍ରକାରର ଲୋଶନ୍, ପରଫ୍ୟୁମ୍ ଅଥବା ପାଣି ସଂସ୍ପର୍ଶରେ ଆଣିବା ମଧ୍ୟ ଉଚିତ୍ ନୁହେଁ ।

# କଳା ବିଜ୍ଞାନରେ ବିଦୂଷୀ



**ନି**ଜର ସାଧନା ବଳରେ କଳା ଓ ବିଜ୍ଞାନ ଉଭୟ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁ ପାରିଥିବା ଜଣେ ପ୍ରତିଭାମୟୀ ମହିଳା ହେଉଛନ୍ତି ପ୍ରିୟମ୍ବଦା ମହାନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ମହିଳା କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିବାରେ ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା। ଭାରତର କ୍ଷୟିଷ୍ଣୁ ପୁରୁଷ ବେଙ୍ଗ ଜାତିର ସୁରକ୍ଷା, ସାମୁଦ୍ରିକ କଇଁଛ ଓ କୁମ୍ଭୀରମାନଙ୍କ ବଂଶ ବିସ୍ତାର କ୍ଷେତ୍ରରେ ତାଙ୍କର ଗବେଷଣା ସମଗ୍ର ପୃଥିବୀରେ ସ୍ୱୀକୃତି ଲାଭ କରିଛି। ଏଥିପାଇଁ ଭାରତ ସରକାର ତାଙ୍କୁ ୧୯୯୮ ମସିହାରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଛନ୍ତି। ୧୯୩୯ ନଭେମ୍ବର ୧୮ରେ  କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ ପ୍ରିୟମ୍ବଦା। ବାପା ଇଞ୍ଜିନିୟର ଭାଗବତ ମହାନ୍ତି ଓ ବୋଉ ସ୍ୱାଧୀନତା ସଂଗ୍ରାମୀ ନିଶାମଣି ଦେବୀ। ପିଲାଦିନ କଟିଛି କଟକ ସହରରେ। ସେ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲରେ ଶିକ୍ଷାଗ୍ରହଣ କରିଥିଲେ। ପିଲାଦିନରୁ ପାଠପଢ଼ାରେ ବେଶ୍ ଆଗୁଆ ଥିଲେ ପ୍ରିୟମ୍ବଦା। ପାଠପଢ଼ା ସମାପ୍ତ ପରେ ଏକ ଉନ୍ନତ କ୍ୟାରିୟରର ଲକ୍ଷ୍ୟ ନେଇ ବାପାଙ୍କ ପ୍ରେରଣା କ୍ରମେ ସେ ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟରେ ଗବେଷଣା ଆରମ୍ଭ କରିଥିଲେ। ସେ ସମୟରେ ଇଂ. ଅରୁଣ ହେଜ୍‌ମାଦୀଙ୍କୁ ବିବାହ କରି **ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ** ଭାବେ ପରିଚିତ ହେଲେ।

ସେ ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟରେ ଫୁଲ୍ ବ୍ରାଇଟ୍, ଟ୍ରାଭେଲ୍, ଗ୍ରାଣ୍ଟ ସହ ବାର୍ବେର ଫେଲୋଶିପ୍ ଅଧୀନରେ ‘‘ଆମେରିକାନ୍ ଲିଓନାର୍ଡୋ ଫ୍ରଗ୍ ରାନା ପିପିଏନ୍ସର ସ୍ୟାଟେର୍ନାଲ ସେରମ ପ୍ରୋଟିନ ଟ୍ରାନ୍ସଫର ରୋଲ୍’’ ବିଷୟରେ ଗବେଷଣା କରି ପିଏଚ୍.ଡି. ଲାଭ କରିଥିଲେ। ପରେ ଆମେରିକାରେ ମୋଟା ବେତନରେ ନିଯୁକ୍ତି ସୁଯୋଗ ଛାଡ଼ି ସେ ଫେରିଆସିଲେ  ନିଜ ଜନ୍ମମାଟିକୁ। ଭାରତୀୟ ବିଜ୍ଞାନ କଂଗ୍ରେସର ଅଶୀତମ ଅଧିବେଶନରେ ପ୍ରାଣୀ ବିଜ୍ଞାନ ବିଭାଗ ଆଲୋଚନାଚକ୍ରରେ ପ୍ରଥମ ମହିଳା ସଭାପତି ହେବାର ଗୌରବ ଅର୍ଜନ କଲେ। ୧୯୯୭ ଏବଂ ୧୯୯୯ ମସିହାରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ତରଫରୁ ଆୟୋଜିତ କଇଁଛ, ଚିଙ୍ଗୁଡ଼ିମାନଙ୍କ ସମ୍ପର୍କରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାରତ ସରକାରଙ୍କ ପକ୍ଷରୁ ସେ ପ୍ରତିନିଧିତ୍ୱ କରିଥିଲେ। ଅହମ୍ମଦାବାଦସ୍ଥିତ ସି.ଇ.ଇ.ର ପରିଚାଳନା ସମିତିର ସଦସ୍ୟା, ଫିଲ୍ମ ସେନସର୍ ବୋର୍ଡର ସଦସ୍ୟା, ଭାରତୀୟ ବନ୍ୟପ୍ରାଣୀ ପରିଷଦର ସଦସ୍ୟା ରହିଥିବା ପ୍ରିୟମ୍ବଦା






୧୯୯୮ରୁ ୨୦୦୨ ମସିହା ପର୍ଯ୍ୟନ୍ତ ଆଇ.ଆଇ.ଟି. ଶିକ୍ଷା ଅନୁଷ୍ଠାନର ପରିଚାଳନା ପରିଷଦରେ ରାଷ୍ଟ୍ରପତିଙ୍କ ପ୍ରତିନିଧିତ୍ୱ କରିଥିଲେ। ୨୦୦୦ ମସିହାରୁ ଜଳଜୀବ ଓ ସାମୁଦ୍ରିକ ପ୍ରାଣୀ ବିଜ୍ଞାନ ଗବେଷଣା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ହୋଇଥିବା ଟାସ୍କଫୋର୍ସକୁ ପରାମର୍ଶ ଦେଉଥିଲେ। ପଶ୍ଚିମ ଘାଟ ଓ ପୂର୍ବ ଘାଟ ପର୍ବତ ମାଳାରେ ଉପଲବ୍ଧ ପ୍ରାଣୀମାନଙ୍କ ସଂକ୍ରାନ୍ତରେ ଗବେଷଣା ସମନ୍ୱୟ କମିଟିର ସଦସ୍ୟା ଭାବେ ସେ ୧୯୯୭ରୁ କାର୍ଯ୍ୟ କରିଆସୁଛନ୍ତି। ୨୦୦୦ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଭାରତୀୟ ମାନବ ଜାତି ତତ୍ତ୍ୱ ବିଧି ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଜାତୀୟସ୍ତରରେ ଉଚ୍ଚତର ଗବେଷଣାର ସୁପରିଚାଳନା କରିଥିବା ହେଜ୍‌ମାଦୀ ରାଜ୍ୟରେ ମଧ୍ୟ ବହୁ ପ୍ରତିଷ୍ଠାନରେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ପରିବେଶ ବିଭାଗ ପକ୍ଷରୁ ପ୍ରତିଷ୍ଠିତ ରାଜ୍ୟ ବିଜ୍ଞାନ ଓ ବୈଷୟିକ ଜ୍ଞାନ ପରିଷଦର ସଦସ୍ୟା ରହିବା ସହିତ ବନ୍ୟପ୍ରାଣୀ ପରିଷଦ, ବେଳାଭୂମି ପରିଷଦ, ରାଜ୍ୟ ଜୈବବିବିଧ ସୁରକ୍ଷା କମିଟି, ଜନଶିକ୍ଷା ପ୍ରସାରଣ କମିଟି, ଚିଲିକା ଉନ୍ନୟନ କମିଟିର ସଦସ୍ୟା, ପ୍ରାଣୀ ବିଜ୍ଞାନ ସମିତିର ଅଧ୍ୟକ୍ଷା ଭାବେ ଗୁରୁଦାୟିତ୍ୱ ତୁଲାଇଛନ୍ତି। ଭାରତର ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଭାରତ ସରକାର ତାଙ୍କୁ ବିଜ୍ଞାନ ବିଦୂଷୀର ଆଖ୍ୟା ଦେଇଛନ୍ତି। ତେବେ ବିଜ୍ଞାନ, ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଜଣେ ସୁନିପୁଣା ନୃତ୍ୟଶିଳ୍ପୀ ମଧ୍ୟ। ବିଶିଷ୍ଟ ନୃତ୍ୟଗୁରୁ ସିଂହାରୀ  ଶ୍ୟାମସୁନ୍ଦର କର, ଗୁରୁ ପଙ୍କଜ ଚରଣ ଦାସ, ଗୁରୁ କେଳୁଚରଣ ମହାପାତ୍ର, ଗୁରୁ ଦେବ ପ୍ରସାଦ ଦାସଙ୍କଠାରୁ ନୃତ୍ୟ ଶିକ୍ଷା କରିଥିଲେ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ତାଙ୍କର ସାଧନା ଓ ପାରଦର୍ଶିତା ଅନନ୍ୟ। ଦେଶ ବିଦେଶରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏହାବାଦ୍ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ସ୍ୱାଧୀନତା ଉତ୍ସବ ପାଳନ କମିଟି ଏବଂ ପଣ୍ଡିତ ଜବାହାରଲାଲ ନେହେରୁ ଜନ୍ମ ଶତବାର୍ଷିକୀ କମିଟି, କେନ୍ଦ୍ରୀୟ ଫିଲ୍ମ ସେନ୍‌ସର ବୋର୍ଡର ସଦସ୍ୟା ରହିଥିଲେ। ଉଭୟ କଳା ଓ ବିଜ୍ଞାନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରିୟମ୍ବଦାଙ୍କୁ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାନ ପାଇଁ ଜିଓଲୋଜିକାଲ୍ କଂଗ୍ରେସ ଗୋଲ୍ଡ ମେଡାଲ, ସ୍ୱାମୀ ପ୍ରଣବା ନନ୍ଦ ସମ୍ମାନ, ଜଷ୍ଟିସ୍ ରାଜ କିଶୋର ମେମୋରିଆଲ୍ ସମ୍ମାନ, ପଦ୍ମଶ୍ରୀ  ସମ୍ମାନ, କଳା ପାଇଁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ସହିତ ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଶ୍ରୀମତୀ ହେଜ୍‌ମାଦୀ ଓଡ଼ିଶୀ ନୃତ୍ୟ ବିଶାରଦ ଭାବରେ ଦେଶ ବିଦେଶରେ ବହୁ ବକ୍ତୃତା ଦେବା ସହିତ ଅନେକ ପ୍ରବନ୍ଧ ଲେଖିଛନ୍ତି। ତାଙ୍କ ରଚିତ ପୁସ୍ତକ ‘ଓଡ଼ିଶୀ ଷ୍ଟେପ୍ ବାଏ ଷ୍ଟେପ୍’ ଏକ ଉଲ୍ଲେଖନୀୟ କୃତି।

*–ପ୍ରିୟମ୍ବଦା ରଥ,*
*ଆର୍ କେ ପୁରମ୍, ସେକ୍ଟର–୪, ନ୍ୟୁ ଦିଲ୍ଲୀ*
*ମୋ: ୮୬୮୮୯୫୭୮୦୦*







# ଜୀବନ ସଂଗ୍ରାମ

– ଶ୍ରୁତକୀର୍ତ୍ତି ତ୍ରିପାଠୀ

ବନ୍ୟା ଆସି ମୂଳପୋଛ କରିଦେଲା ଶହ ଶହ ଗାଁ ଗଣ୍ଡା, ସହର । ଉଜାଡ଼ି ଦେଇଗଲା ସହସ୍ର ଲୋକଙ୍କ ସଂସାର । ସେ ସିନା ଫୁଲେଇହୋଇ ଆସି ତା'ର ରାଗ ଶାନ୍ତକରି ଚାଲିଗଲା, ହେଲେ ସାଙ୍ଗରେ ନେଇଗଲା ଅନେକଙ୍କର ଘରଦ୍ୱାର, ଧନଜୀବନ ଓ ତା' ସହ ସେମାନଙ୍କର ସୁଖ ଓ ଶାନ୍ତି। ବନ୍ୟାପ୍ଳାବିତ ଅଞ୍ଚଳଗୁଡ଼ିକରେ କ୍ଷୁଧାର୍ତ୍ତ, ବାସହୀନ, ଅସହାୟ ଲୋକଙ୍କ ପାଇଁ ରିଲିଫ ବଣ୍ଟା ଚାଲିଥାଏ। ରିଲିଫ କେନ୍ଦ୍ରରେ ସର୍ବହରା ଲୋକଗୁଡ଼ିକ ଧାଡ଼ି । ଏହି ଭୋକ ହିଁ ତ ସବୁବେଳେ ମାନବିକତାର ହତ୍ୟା କରିବାକୁ ଉସ୍କେଇ ଥାଏ। ସବୁ ସମ୍ପର୍କଠାରୁ ଅଲଗା ଏଇ ଭୋକ ଓ ପେଟର ସମ୍ପର୍କ।

ସବୁଦିନ ପରି ଆଜି ମଧ୍ୟ ବୃଦ୍ଧା ଜଣକ କିଛି ପାଇବା ଆଶାରେ ଆସିଥିଲେ, ହେଲେ ତାଙ୍କ ପାଳି ଆସିଲା ବେଳକୁ ପୁଣି ଥରେ ସବୁ ଶେଷ ହୋଇଗଲା । ଗତ ଚାରିଦିନ ହେଲା ଏମିତି ହୋଇଚାଲିଛି । ବନ୍ୟା ତାଙ୍କଠାରୁ ସବୁ ଛଡ଼େଇ ନେଇଗଲା ପରେ ମରିବାକୁ ହିଁ ସେ ଅପେକ୍ଷା କରି ବସିଛନ୍ତି, ହେଲେ ପିଣ୍ଡରେ ପ୍ରାଣ ଥିଲା ଯାଏ ଭୋକ ତ ଦାଉ ସାଧୁଛି। ନିରାଶ ମନରେ ଫେରିଯାଉଥିବାବେଳେ ସେ ଦେଖିଲେ, କାହାର ଖାଦ୍ୟ ପୁଡ଼ିଆଟିଏ ତଳେ ପଡ଼ିଛି । ବୋଧହୁଏ ଧସ୍ତାଧସ୍ତିରେ କାହା ଅଣ୍ଟିରୁ ଖସିପଡ଼ିଥିଲା। ଚାତକ ଭଳି ଚାହିଁବସିଥିବା ବୃଦ୍ଧାଙ୍କ ଆଖି ଦୁଇଟି ସଙ୍ଗେ ସଙ୍ଗେ ଆଦେଶ ଦେଲା କତରାଲଗା ବୃଦ୍ଧ ଶିରାଳ ହାତ ଦୁଇଟାକୁ, ଖାଦ୍ୟ ପୁଡ଼ିଆଟି ଉପରେ ଝାମ୍ପ ପକେଇବା ପାଇଁ। ତାକୁ ପାଇବା ପରେ ତାଙ୍କ ମୁଖମଣ୍ଡଳରେ ଖେଳିଗଲା ଏକ ଯୁଦ୍ଧ ଜୟ କରିବାର ତୃପ୍ତି । ପୁଡ଼ିଆଟିକୁ ଖୋଲି ସର୍ବଗିଳାଙ୍କ ଭଳି ଥରକରେ ଖାଦ୍ୟତକ ଶେଷ କରିଦେଇଥାନ୍ତେ ସେ । ହେଲେ ବିବେକ ତାଙ୍କର ବାଧାଦେଲା ; ଯେତେବେଳେ ସେ ଦେଖିଲେ ଛୋଟ ପିଲାଟିଏ ଲୋଭାତୁର ହୋଇ ତାଙ୍କ ଆଡ଼କୁ ଅପଲକ ନୟନରେ ଅନେଇଛି ।

ଚାରି କି ପାଞ୍ଚବର୍ଷର ପିଲାଟିଏ, ଖଣ୍ଡେ ଚିରା ହାଫ୍ ପ୍ୟାଣ୍ଟ ପିନ୍ଧିଛି । ଶରୀର ତା'ର ଯେମିତି ହାଡ଼ ଉପରେ ଚମର ଛାଉଣି। ଦୁଃଖ, ଅସହାୟତା ଓ ଅଭାବ ସବୁ ଏକାବେଳେକେ ଯେମିତି ତା'ର କାୟାକୁ ମାଡ଼ିବସିଛନ୍ତି । ଏକମାତ୍ର ଈପ୍‌ସିତ ବସ୍ତୁଟି ଯେମିତି ଖାଦ୍ୟ ଓ କେବଳ ଖାଦ୍ୟ ତା' ପାଇଁ । ବୁଢ଼ୀ ପ୍ରଥମେ ବିରକ୍ତିରେ ପିଲାଟି ଆଡ଼କୁ ଅନେଇଲା । ଏତେଦିନ ପରେ ସେ ଟିକେ ପେଟପୂରା ଖାଇବାକୁ ପାଇଥିଲା । ତା'ର ଜମା ଇଚ୍ଛା ନ ଥାଏ କାହା ସହ ଭାଗବଣ୍ଟା କରିବା ପାଇଁ । ହେଲେ ଯେତେ ହେଲେ ନାରୀ ତ ! ମମତା, କରୁଣା, ବାତ୍ସଲ୍ୟ ତା'ର ପରିଚୟ । ପିଲାଟିକୁ ଅଣଦେଖାକରି ବୁଢ଼ୀ ଖାଦ୍ୟ ପାଟିକୁ ନେଇପାରିଲା ନାହିଁ। ତା' ଲୋଚାକୋଚା ମୁହଁରେ ଖେଳିଗଲା ଚେନାଏ ହସ । ସେହି ହସିରେ ଆମନ୍ତ୍ରଣ ଥିଲା, ଖାଦ୍ୟକୁ ବାଣ୍ଟିବାର ସମର୍ଥନ ଥିଲା । ଗୁଣ୍ଡାଟିକୁ ତଳେ ରଖିଦେଇ ସେଇ ଅଇଁଠା ହାତରେ ଠାରି ପିଲାଟିକୁ ପାଖକୁ ଡାକିଲା । କୌଣସି ନିକଟ ସମ୍ପର୍କୀୟ ଭଳି ନିଜେ ଗୁଣ୍ଡା ଗୁଣ୍ଡା କରି ପୂରା ପୁଡ଼ିଆଟା ଯାକ ଖାଦ୍ୟ ସେ ଛୁଆଟିକୁ ଖୁଆଇଦେଲା । ପିଲାଟି ଖୁସିରେ ଖାଦ୍ୟ ତକ ଉଦରସ୍ଥକରି ଦୌଡ଼ିଗଲା ପୁଣି ଥରେ ରିଲିଫ କେନ୍ଦ୍ର ଆଡ଼କୁ ।

ସନ୍ଧ୍ୟାରେ ପୁଣି ଥରେ ଖାଦ୍ୟ ବଣ୍ଟନ ହେଲା । ପିଲାଟି ଦ୍ୱିପ୍ରହରୁ ଜଗିକି ସେଇଠି ସେମିତି ବସିଥାଏ । ଧାଡ଼ିର ସବା ଆଗରେ ଛିଡ଼ାହୋଇ କୌଣସି ମତେଲୁଚେଇଦୁଇଟିଖାଦ୍ୟପୁଡ଼ିଆଆଣିବାକୁସକ୍ଷମହୋଇଗଲାସେଏଥରା ଖୁସିରେ ଆତୁର ହୋଇ ସେ ଖୋଜିବୁଲିଲା ବୁଢ଼ୀକୁ।

ବୁଢ଼ୀ ତାକୁ ଯେଉଁଠି ଖୁଆଇଦେଇଥିଲା ସେଠିକୁ ଯାଇ ଦେଖିଲା, ବୁଢ଼ୀ ଗୋଟିଏ ପଥରକୁ ଆଉଜି ଶୋଇପଡ଼ିଛି । ତାକୁ ହଲେଇ ହଲେଇ ଉଠେଇବାକୁ ଚେଷ୍ଟାକଲା ପିଲାଟି । ତା' ଆଖିରେ ଥାଏ ଗୋଟିଏ ଚମକ। ସତେକି କିଛି ମୂଲ୍ୟବାନ୍ ବସ୍ତୁ ସେ ପାଇଛି ଯେମିତି ! "ଦେଖ, ମୁଁ ଆମ ଦୁଇ ଜଣଙ୍କ ପାଇଁ ଖାଇବା ଆଣିଛି । ତୁ ଆଉ ଜମା ଭୋକିଲା ରହିବୁନି । ଆସ... ଆସ, ମୁଁ ତୋତେ ଖୁଆଇ ଦେଉଛି ।" ହେଲେ ପିଲାଟିର ଶବ୍ଦ ସବୁ ଶୂନ୍ୟରେ ମିଳେଇଗଲା । ବୁଢ଼ୀ ଶୋଇପଡ଼ିଥିଲା ଚିରନିଦ୍ରାରେ । କୋଳରେ ତା'ର ସକାଳର ଅଇଁଠାପତ୍ରଟି ସେମିତି ଜାକିହୋଇ ରହିଥିଲା ଶାଢ଼ିର କାନି ପଣତ ଭିତରେ । ପିଲାଟି ହାତରୁ ଖସିପଡ଼ିଲା ଖାଦ୍ୟପୁଡ଼ିଆ ଦିଟାଯାକ । ପିଲାଟି ଏତେ ସଂଗ୍ରାମ କରି ଆଣିଥିବା ଖାଦ୍ୟକୁ ଖାଇବା, ଜୀବନ ସଂଗ୍ରାମରେ ହାରିଯାଇଥିବା ବୁଢ଼ୀ ପକ୍ଷେ ଆଉ ସମ୍ଭବ ନ ଥିଲା ।

–ଭୁବନେଶ୍ୱର

ମୋ: ୬୩୭୦୫୧୬୪୭୮

# ବନ୍ଧୁତା

ଡ.ନିର୍ମଳ ଚନ୍ଦ୍ର ଶୂରଦେଓ

ବନ୍ଧୁତା
ଏକ ଆବେଗିକ ଶବ୍ଦଟିଏ
ସମ୍ପର୍କ ବଢାଇବାର ଏକ
ସେତୁଟିଏ,
ପରକୁ ଆପଣାର
କରିବାର ଅତୁଟ ବନ୍ଧନଟିଏ।

ବନ୍ଧୁତା ଅଛି ବୋଲି
ତ' ସଂସାର ଅଛି,
ଭଲପାଇବାର ନିବିଡ
ସମ୍ପର୍କଟିଏ ଅଛି।

ବନ୍ଧୁତା
ଜୀବନ ଜୀଇଁବାର
ଏକ ଅକୁହା ପ୍ରୟାସ
ଜୀବନକୁ ଆଗେଇ ନେବାର
ଏକ ଆନନ୍ଦମୟ
ଶବ୍ଦିକ ଆଲେଖ୍ୟ
ଜୀବନର ଏକ ମଧୁମୟ
ଆଶ୍ଲେଷ।


–ପୁରୁଣା ସହର, ନୟାଗଡ
ମୋ:୯୯୩୮୩୦୯୬୫୨

# ଆଲୋକର ପର୍ବ

–ସୁଜାତା ମିଶ୍ର

ଆଲୋକର ଧାରାଟିଏ
ବହି ଯାଉ ପ୍ରାଣେ ପ୍ରାଣେ
ଦୀପାବଳିର ପାର୍ବଣ ଲଗ୍ନରେ,
ହୃଦୟର ଦ୍ୱେଷ ଓ କଳୁଷ,
ଅବସାଦ,ବିଷର୍ଣ୍ଣତା
ଧୋଇ ହୋଇଯାଉ..
ଅନ୍ତରରେ ଜାଳି ରଖିଥିବା
ମାନବିକତାର
ଦୀପ ଆଲୋକରେ..!
ଅନ୍ଧାରକୁ ପଛ କରି
ଠିଆ ହୋଇ ଲେଖିବା ଅମୃତର
କାବ୍ୟ,
ଆଙ୍କି ଯିବା
ନକ୍ଷତ୍ରର ଦ୍ୟୁତି,
କାଳୀ ମା' ନାଶିବେ କାଳିମା..
ପବିତ୍ର ପଣରେ ହେବ
ଉଦ୍ଭାସିତ..
ଜୀବନର ଏହି କଳା ରାତି!

–କସ୍ମୋପଲିସ, ଭୁବନେଶ୍ୱର
ମୋ: ୯୪୩୭୧୧୭୦୮୪




ଲିପ୍ସା


କିଆରା

# କିଆରାଙ୍କ ଟିପ୍ସ

କିଆରା ଆଡଭାନୀ ଏବେ ବୁଲି ବୁଲି ଗୋଟିଏ ଜିନିଷ ବାଣ୍ଟୁଛନ୍ତି। ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି। କଥା କ'ଣ କି କିଆରା ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କାଫେକୁ। ସେଠାରେ କଫିର ମଜା ନେବା ସହ ଫିଟନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ କିଆରା କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟନେସ ପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ରୋଗ ମାଡି ବସିବ। ତେଣୁ ମୁଁ ଏନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ସଚେତନ ଥାଏ। ତେବେ ମୋ ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।'

# ଗିଫ୍ଟ ଫେରାଇଥିଲେ ରେଖା

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ରେଖା କେତେ ପରିଚିତ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଭୂମିକାଟି ଯେପରି ହେଉ ନା କାହିଁକି, ତାହାକୁ ବେଶ୍ ସୂଚାରୁ ରୂପେ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତା। ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଚର୍ଚ୍ଚା ହୋଇଛି। ବିଶେଷଭାବରେ ଅମିତାଭ ବଚ୍ଚନଙ୍କ ସହ ତାଙ୍କର ଆଫେୟାର୍ସ ଦିନେ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଥିଲା। କିନ୍ତୁ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଶେଷରେ ଜୟା ଭାଦୁଡିଙ୍କୁ ଅମିତାଭ ବିବାହ କରିଥିଲେ। ସେତେବେଳେ ଅମିତାଭ-ରେଖାଙ୍କୁ ନେଇ ନିର୍ମିତ 'ସିଲସିଲା' ଏବଂ 'ଦୋ ଆନଜାନେ' ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ସମୟରେ ଅମିତାଭ ତାଙ୍କୁ ଗୋଟିଏ ରିଂ ଗିଫ୍ଟ ଆକାରରେ ଦେଇଥିଲେ। ଶୁଣିବାକୁ ମିଳେ ଯେ, ଏହାକୁ ରେଖା କିଛିଦିନ ପିନ୍ଧିଥିଲେ। ହେଲେ ପରେ କ'ଣ ହେଲା କେଜାଣି ଉକ୍ତ ଗିଫ୍ଟକୁ ସେ ଅମିତାଭଙ୍କୁ ଫେରାଇ ଦେଇଥିଲେ। ପରବର୍ତ୍ତୀ ସମୟରେ କେତେକ କାରଣରୁ ଏହି ଯୋଡିକୁ ଆଉ ବଡ ପରଦାରେ ଦେଖିବାକୁ ମିଳି ନ ଥିଲା।


ରେଖା


ଶ୍ରଦ୍ଧା

# ଚକୋଲେଟ୍ ପ୍ରିୟ ଶ୍ରଦ୍ଧା

ଶ୍ରଦ୍ଧା କପୁର ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍ । ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ସେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ ଶ୍ରଦ୍ଧା କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ।' ଏହାବାଦ ଶ୍ରଦ୍ଧା ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରୁ ଆଉ ଫିଲ୍ମଟିର ଟାଇଟଲ ଥିଲା 'ତିନ ପତି'।

# ଯାହା ଭାବୁଥିଲେ ତ୍ରିପ୍ତି

କଥାରେ ପରା ଅଛି-ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେଉଁଭଳି ଏକ ଭୂମିକାରେ ସେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହୁଁଥିଲେ ତାହା କେମତି ତାଙ୍କୁ ମିଳିଯାଇଛି। ହଁ, ଏହି ଅଭିନେତ୍ରୀ ଜଣଙ୍କ ହେଲେ 'ଆନିମଲ୍' ଫେମ୍ ତ୍ରିପ୍ତି ଡିମରି। କଥା କ'ଣ କି ଏବେ ସେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ, ସେ ଆକ୍ଟିଂକୁ ଗୁଡ୍‌ବାୟ କରି ଶିକ୍ଷକତା ଲାଇନ୍‌କୁ ଚଏସ୍ କରିଛନ୍ତି। ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ଏ ନେଇ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏ ସମ୍ପର୍କରେ ତ୍ରିପ୍ତି କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। ତା'ସହ କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।'


ତ୍ରିପ୍ତି

# ଅଦୃଶ୍ୟ

ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଅଦୃଶ୍ୟ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ ଏବଂ ରାଜେଶ ଅଗ୍ରୱାଲ। କାହାଣୀ ଅନୁସାରେ ସାତଜଣ ସମ୍ପୂର୍ଣ୍ଣ ଅପରିଚିତ ବ୍ୟକ୍ତି ଏକ ଟ୍ରାଭେଲ ଏଜେନ୍ସି ଜରିଆରେ ଦାରିଙ୍ଗବାଡି ଯାଉଛନ୍ତି ପିକନିକ ପାଇଁ, ଫେରିବା ବାଟରେ ଗାଡି ଖରାପ ହେଉଛି ଓ ସମସ୍ତେ ଗୋଟିଏ ଆଦିବାସୀ ହଷ୍ଟେଲରେ ରାତିକ ପାଇଁ ରହୁଛନ୍ତି। ସକାଳେ ଡ୍ରାଇଭର ଗାଡି ସଜାଡିବା ପାଇଁ ୧୫ କି.ମି. ଦୂରରେ ଥିବା ଏକ ଗାଁକୁ ଯାଇଛି। ଏତିକି ବେଳେ ଖବର ପହଞ୍ଚିଛି ଯେ ମାଓବାଦୀମାନେ ଗାଁର ଉଭୟ ପାର୍ଶ୍ୱରେ ରାସ୍ତା ଅବରୋଧ କରି ଏକ ମିଲିଟାରୀ ଭ୍ୟାନ୍‌କୁ ଟାର୍ଗେଟ କରି ଅପେକ୍ଷା କରିଛନ୍ତି। ତେଣୁ ସମସ୍ତେ ବାଧ୍ୟ ହୋଇ ଆଉ କିଛିଦିନ ସେଠାରେ ଅଟକି ଯାଉଛନ୍ତି। ହେଲେ ହଠାତ୍ କେହି ଜଣେ ଅଜଣା ଆତତାୟୀ ଗୁଳି କରି ସେମାନଙ୍କୁ ହତ୍ୟା କରୁଛନ୍ତି। ତେବେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ପଛରେ କିଏ ଅଛି ? ଶେଷରେ ନାୟକ ନାୟିକା ରହସ୍ୟର ଉନ୍ମୋଚନ କରୁଛନ୍ତି। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସତ୍ୟ ନାରାୟଣ ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର ଏବଂ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସ୍ୱୟଂ ପାଢ଼ୀ ଓ ସତ୍ୟଜିତ ପ୍ରଧାନ। ଅଭିଷେକ ଗିରି, ସାୟଲ ମୁଖାର୍ଜୀ, ଲିପ୍ସା ମିଶ୍ର, ଅନନ୍ତ ମିଶ୍ର, ଜୀବନ ପଣ୍ଡା, ଚୌଧୁରୀ ଜୟ ପ୍ରକାଶ ଦାସ, ନୀଳମଣି ସାହୁ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

# ମିଠା ପ୍ରିୟ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଗୋଟିଏ ଜିନିଷ ଖାଇବାକୁ ବେଶୀ ଭଲ ପାଆନ୍ତି। ଏହା ତାଙ୍କର ଏତେ ପସନ୍ଦ ଯେ, ତାହାକୁ ନ ଖାଇ ରହିପାରନ୍ତି ନାହିଁ। ତାହା କ'ଣ ଜାଣନ୍ତି ? ମିଠା। ଏ ବିଷୟରେ ପ୍ରିୟଙ୍କା କହନ୍ତି, 'ପିଲାଟି ଦିନୁ ମୋତେ ମିଠା ଖାଇବାକୁ ଭଲ ଲାଗେ। ଏବେ ମଧ୍ୟ ମିଠା ଦେଖିଲେ ତାକୁ ଖାଇବାର ଲୋଭ ସମ୍ବରଣ କରିପାରେନା। ହେଲେ ମିଠା ମୁଁ ଅଧିକ ପରିମାଣରେ ଖାଇ ନ ଥାଏ। କାରଣ ନିଜ ସ୍ୱାସ୍ଥ୍ୟକୁ ବି ତ ଜଗିବାକୁ ପଡିବ ନା ! ମୁଁ ସବୁବେଳେ ଡାଏଟ୍ ପ୍ରତି ସତର୍କ ଥାଏ।' ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ପ୍ରିୟଙ୍କାଙ୍କର ଆଉ ଏକ ଇଚ୍ଛା ଥିଲା। ପାଠ ପଢ଼ି ସେ ଜଣେ ଏରୋନୋଟିକାଲ ଇଞ୍ଜିନିୟର ହେବାକୁ ଆଶା ରଖିଥିଲେ। କିନ୍ତୁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଏବଂ ଟାଇଟଲ ଜିତିବା ପରେ ତାଙ୍କର ମନ ଅଭିନୟ ଆଡକୁ ଢ଼ଳିଥିଲା। ତାମିଲ ଫିଲ୍ମ 'ଥାମ୍ପିଜାନ୍'ରେ ପ୍ରିୟଙ୍କା ପ୍ରଥମେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହୀରୋ : ଏ ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'। ନିକ୍ ଜୋନାସଙ୍କୁ ବିବାହ କରିବା ପରେ ସେ ଏବେ ହଲିଉଡ୍‌ରେ ବ୍ୟସ୍ତ।


ପ୍ରିୟଙ୍କା

# ପହିଲି ଇସାରା ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା । ଏବେ ମୋତେ ଏମିତି ଲାଗୁଛି ଯେ ସେହି ପ୍ରଥମ ଦେଖାରେ ହିଁ ମୁଁ ତା' ପ୍ରେମରେ ପଡିଯାଇଛି । ଏବେ ଆଗକୁ ଆଗେଇବା ଠିକ୍ ହେବ ତ ?

*–ଅମୀୟ କୁମାର, ଖୋର୍ଦ୍ଧା*

**ଉତ୍ତର:** ସେହି ତରୁଣୀର ପ୍ରଥମ ହସରେ ଆପଣଙ୍କ ମନ ବନ୍ଧା ପଡିଯାଇଛି ନୁହେଁ ? କାରଣ 'ପହିଲି ଇସାରା ସୁଆଦ ମିଠା, ସହଜେ ଛାଡେନା ପ୍ରେମର ଅଠା' । ତେଣୁ ଯଦି ସେହି ହସରୁ ପ୍ରେମର ଝଲକ ପାଉଛନ୍ତି ଆଉ ସେପଟୁ ଯଦି ରାସ୍ତା କ୍ଲିୟର ଅଛି ତେବେ ବିଳମ୍ବ କରୁଛନ୍ତି କିଆଁ ? ସମୟ ସୁବିଧା ଦେଖି ସେହି ସୁନ୍ଦରୀ ଠାରେ ବହି ଫିଟ୍ କରିଦିଅନ୍ତୁ । କାରଣ ପ୍ରେମର ରଙ୍ଗ କେତେବେଳେ ବଦଳିଯିବ ତାହା କଳ୍ପନା କରିବା କଷ୍ଟକର । ତେଣୁ ଅବସ୍ଥା ଦେଖି ତୁରନ୍ତ ବ୍ୟବସ୍ଥା କରନ୍ତୁ ।

**ପ୍ରଶ୍ନ**–କେତେ କଷ୍ଟରେ ଜଣେ ଝିଅକୁ ପଟେଇଥିଲି । ହେଲେ ସେ ଅଧା ବାଟରେ ମୋତେ ଧୋକା ଦେଇ ଚାଲିଗଲା । ତା'ପରେ କେତେ ଜଣ ସୁନ୍ଦରୀଙ୍କୁ ପ୍ରେମ ନିବେଦନ କରିସାରିଲିଣି । ହେଲେ କିଛି ଫଳ ହେଉନି । ମୁଁ କ'ଣ ମନ ପସନ୍ଦର ପ୍ରେମିକା ପାଇବି ନାହିଁ ?

*–ଦୀପକ ସାହୁ, ଅନୁଗୋଳ*

**ଉତ୍ତର:** ପ୍ରେମର ଅସଲ ବର୍ଣ୍ଣବୋଧକୁ ପ୍ରଥମେ ଭଲ ଭାବରେ ମୁଖସ୍ଥ କରନ୍ତୁ । ତରବର ହୋଇ ଏହି ରାସ୍ତାରେ ଆଗେଇଲେ ବାଟରେ ଧୋକା ଖାଇବାର ଯଥେଷ୍ଟ ଚାନ୍ସ ଅଛି । ପ୍ରଥମ ପ୍ରେମରୁ ଧୋକା ପାଇବା ପରେ ନିଶ୍ଚୟ କିଛି ଶିଖିଥିବେ । ସେହି ସମୟର ତ୍ରୁଟିକୁ ପ୍ରଥମେ ସଂଶୋଧନ କରନ୍ତୁ । ନ ହେଲେ ପୁଣି ଥରେ ଠିକ୍ ସେହିପରି ପରିସ୍ଥିତିର ସାମନା କରିବାର ସମ୍ଭାବନା ରହିଛି । ଦେଖୁନାହାନ୍ତି, ତା'ପରେ କେତେଜଣ ତରୁଣୀଙ୍କୁ ପ୍ରେମ ନିବେଦନ କରିସାରିଲେଣି । ହେଲେ ଫଳ 'ଶୂନ' ହେଉଛି । ତେଣୁ ଠିକ୍ ତରିକାରେ ପ୍ରେମ କରନ୍ତୁ । ପ୍ରେମର ସ୍ୱାଦ କିପରି ରସଗୋଲା ପରି ମିଠା ନିଜେ ଅନୁଭବ କରିପାରିବେ ।

**ପ୍ରଶ୍ନ**– ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ । ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଅମନ କୁମାର, ରାଉରକେଲା*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ । ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା । ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ । ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି । କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି' । ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**– ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି । ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ? *–ଜୀବନ ନାୟକ, ସୋନପୁର*

**ଉତ୍ତର:** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ । ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ । କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା' । ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ ।

ସାଥୀ



## ପ୍ରଥମ ରୋଜଗାର

# ପ୍ରଭୁଙ୍କୁ ସମର୍ପି ଦେଇଥିଲି ପ୍ରଥମ ଦରମା



ସାହିତ୍ୟିକ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ **ଡ. ଲଲାଟେନ୍ଦୁ ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଭଳି ଆର୍ଥିକ ଅସ୍ୱଚ୍ଛଳ ସଂଘର୍ଷରତ ନିମ୍ନ ମଧ୍ୟବିତ୍ତ ବର୍ଗର ସ୍ୱପ୍ନୀଳ ଛାତ୍ରମାନେ ସବୁବେଳେ ଏକ ପ୍ରାପ୍ତି–ଅପ୍ରାପ୍ତିର ଆତଙ୍କିତ ସମୟ ଭିତରେ ଗତି କରନ୍ତି ଜଣେ ଜଣେ ଉଚ୍ଚ ସରକାରୀ ଚାକିରୀର ଆଶାୟୀ ପ୍ରାର୍ଥୀ ଭାବେ । ପର୍ବତ ପ୍ରମାଣେ ଚିନ୍ତା ଥାଏ କେମିତି ଆଇ.ଏ.ଏସ୍. ବା ଓ.ଏ.ଏସ୍. ଟିଏ ହେବାକୁ । ୨୦୦୦ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବାର ବିଜ୍ଞପ୍ତି, ତା'ପରେ ସମୟାନ୍ତରରେ ପ୍ରିଲିମ୍‌ନାରୀ ପରୀକ୍ଷା, ମେନ୍ ପରୀକ୍ଷା ଓ ଇଣ୍ଟରଭ୍ୟୁର କ୍ରମାନ୍ୱୟତା ପରେ ଦିନେ ଓ.ପି.ଏସ୍.ସି. ଅଫିସ୍ ନୋଟିସ୍ ବୋର୍ଡ଼ରେ ଆବିଷ୍କାର କଲି ନିଜ ନାମ– ଆଶ୍ୱସ୍ତ ହେଲି । ଲାଗିଲା ଘାଟ ମୁହାଁ ଡ଼ଙ୍ଗା ଏବେ ଘାଟରେ ଲାଗିଯିବ । ବହୁ ପ୍ରତିକ୍ଷୀତ ବେଳା ଉପନୀତ ହେଲା ଜାନୁୟାରୀ ୧ରେ ; ଯେବେ ମୁଁ ରାଜ୍ୟ ସରକାରଙ୍କ ସର୍ଭେ ସେଟଲମେଣ୍ଟ କାର୍ଯ୍ୟାଳୟ, କଟକରେ ପ୍ରୋବେସନ୍‌ର ହିସାବରେ ଜଏନ୍ କଲି । ଏବେ ଖାଲି ଅପେକ୍ଷା ଥିଲା ଜୀବନର ଆନୁଷ୍ଠାନିକ ପ୍ରଥମ ସ୍ୱରୋଜଗାରକୁ । ନିର୍ଦ୍ଧାରିତ ଦିନ ହାତକୁ ଆସିଲା ନୂଆ ଶହେ ଟଙ୍କିଆ ଶହେ ଖଣ୍ଡର ଗୋଟେ ବିଡ଼ା । ପ୍ରଥମ ମାସର ପ୍ରଥମ ଦରମାକୁ ନେଇ ଅନେକ ସ୍ୱପ୍ନ ଥିଲା । ଭାବିଥିଲି ବିପଦ ଓ ବିପର୍ଯ୍ୟୟର ସବୁ ମୁହୁର୍ତ୍ତଗୁଡ଼ିକରେ ମୋ ପାଖେ ପାଖେ ଠିଆ ହୋଇଥିବା ମୋ ବାପାଙ୍କୁ ଧରେଇ ଦେବାକୁ ସେତକ ଟଙ୍କା ; କିନ୍ତୁ ସେଭଳି କରିବାକୁ ସେ ମୋତେ ଦେଲେ ନାହିଁ । ସସ୍ନେହେ ଆଦେଶ ଦେଲେ, ତୁରନ୍ତ ଭୁବନେଶ୍ୱର ଯାଇ ସତ୍‌ସଙ୍ଗ ବିହାରରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସମସ୍ତ ଟଙ୍କାକୁ ସମର୍ପି ଦେଇ ଆସିବାକୁ । ତାହା ହିଁ କଲି । ମୋତେ ମିଳିଲା ଆତ୍ମତୃପ୍ତି, ଆଶ୍ୱସ୍ତି ଆଉ ଆତ୍ମସନ୍ତୋଷ । ବାପାଙ୍କୁ ମିଳିଲା ନିଜକୁ ଆଉ ଥରେ ନୂଆକରି ଆବିଷ୍କାର କରିବାର ସୁଯୋଗଟେ । ଜଣେ ଶିକ୍ଷକ ହିସାବରେ ସେ ନିଜ ପରିଚିତଙ୍କ ମହଲରେ ଏକ ଉତ୍ସ ଓ ଆଧାର ପାଲଟିଗଲେ । ଅର୍ଥାତ୍, ମୋ ଭଳି ଜଣେ ସାଧାରଣ ଓ ମଧ୍ୟମ ଧରଣର ଜ୍ଞାନଥିବା ପୁଅକୁ ଓଏଏସ୍ କରାଇବାରେ ସକ୍ଷମ ହୋଇପାରିଥିବା ମୋ ବାପାଙ୍କ ଉପରେ ଅନ୍ୟ ଅଭିଭାବକଙ୍କର ଭରସା ଆହୁରି ବଢିଗଲା ଆଉ ସେହି ଅନୁଯାୟୀ ବାପାଙ୍କର ଦାୟିତ୍ୱ ବି । ତେବେ ସେ ଯାହା ହେଉ, ପ୍ରଥମ ମାସ ସିନା କିଛି କରିପାରିଲିନି, ହେଲେ ତା'ପର ମାସ ଦରମାରେ ମା'ବାପାଙ୍କ ପାଇଁ ନୂଆ ଲୁଗାପଟା ଓ ଆଉ କିଛି ଜରୁରୀ ଜିନିଷ କିଣି ମୋ ଗାଁ ଯାଜପୁର ଜିଲାର କରଡ଼ାପାଳ ଅଭିମୁଖେ ଯାଇ ଅନେକ ଖୁସି ସାଉଁଟିଥିଲି । ଅବଶ୍ୟ ଏହି ଚାକିରି ପୂର୍ବରୁ ମୁଁ ଜୱାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ପି.ଏଚ୍.ଡ଼ି. କଲାବେଳେ ଜୁନିୟର ରିସର୍ଚ୍ଚ ଫେଲୋସିପ୍ ପାଉଥିଲି । ସେ ବାବଦରେ ମୋତେ ପ୍ରତି ମାସରେ ପ୍ରାୟ ୮ ହଜାର ଟଙ୍କା ମିଳୁଥିଲା ; ଯାହା ବି ଥିଲା ଏକ ପ୍ରକାର ଦରମା ସଦୃଶ । ସେ ସମୟରେ ଜେ.ଏନ୍.ୟୁ.ରେ ମାସିକ ହଷ୍ଟେଲ ଫିସ୍ ଥିଲା ମାତ୍ର ଆଠଶହ ଟଙ୍କା । ତେଣୁ ହଷ୍ଟେଲ ଫିସ୍ ଦେଇସାରିବା ପରେ ମୋ ହାତରେ ବେଶ୍ କିଛି ଟଙ୍କା ବଳି ପଡୁଥିଲା । ସେତେବେଳେ ସିନେମା ଦେଖିବାକୁ ଖୁବ୍ ଭଲ ପାଉଥିଲି । ତେଣୁ ଏହି ଟଙ୍କାରେ ପ୍ରାୟତଃ ସିନେମା ହଲ୍‌କୁ ଯାଇ ସିନେମା ଦେଖୁଥିଲି । ଏହାବାଦ୍ ସେ ସମୟରେ ଭିନ୍ନ ଭିନ୍ନ ପତ୍ରିକାରେ ଲେଖା ଦେଇ ସେଥିରୁ ବି କିଛିଟା ଅର୍ଥ ରୋଜଗାର କରୁଥିଲି । ଏତେ ସବୁ ସତ୍ତ୍ୱେ ବି ସ୍ଥାୟୀ ସରକାରୀ ଚାକିରୀର ପ୍ରଥମ ଦରମା ଥିଲା ଏକ ଅଭୁଲା ସ୍ମୃତି, ସାମାଜିକ ଦାୟିତ୍ୱବୋଧ ଓ ଶୃଙ୍ଖଳାର ଏକ ସକାରାତ୍ମକ ସଂକେତ ; ଯାହାକି ମୋ ଭିତରେ ଆଣିଥିଲା ପୂର୍ଣ୍ଣତାର ଗୋଟେ ପରିଭାଷା ଓ ସଂପୂର୍ଣ୍ଣ ଆତ୍ମତୃପ୍ତି । ୟା' ଭିତରେ ଅନେକ ବର୍ଷ ବିତିଗଲାଣି । ଚାକିରି କ୍ଷେତ୍ରରେ ପ୍ରମୋଶନ ଯେତିକି ବଢିଛି ସେହି ଅନୁଯାୟୀ ଦାୟିତ୍ୱ ବଢିଚାଲିଛି । ଆଉ ତା' ସଙ୍ଗେସଙ୍ଗେ ଲେଖାଲେଖିର ଧାରା ବି ଆଉ କେଇ ପାଦ ଆଗେଇ ଯାଇଛି । ୟା'ଭିତରେ ମୋ ଲିଖିତ କେତୋଟି ଗଳ୍ପ ସଂକଳନ ଓ ଉପନ୍ୟାସ ପ୍ରକାଶ ପାଇସାରିଛି । ଯେମିତିକି: ଏକ ଅପହୃତ କଳିଂ ବେଲ୍‌ର ସମାଧି, ଅଣଚାଶ ପବନ, ଲଲାଟେନ୍ଦୁଙ୍କ ଗଳ୍ପ ଶତକ, ଘାଟ ମୁହାଁ ଡଙ୍ଗା ଇତ୍ୟାଦି ଅନ୍ୟତମ । ସେହିପରି ଫ୍ରୋଜେନ୍ ଫାୟାର୍ ଶୀର୍ଷକ ଏକ ଇଂରାଜୀ ଉପନ୍ୟାସ ବି ଲେଖି ପାଠକଙ୍କଠାରୁ ଢେର୍ ପ୍ରଶଂସା ସାଉଁଟିପାରିଛି । ଏହାବାଦ୍ ନିୟମିତ ବ୍ୟବଧାନରେ ବିଭିନ୍ନ ଖବରକାଗଜରେ ମୋ ଲିଖିତ ସ୍ତମ୍ଭ ଓ ଗପମାନ ମଧ୍ୟ ପ୍ରକାଶିତ ହୋଇଆସୁଛି ।



# ମୂର୍ତ୍ତିକାର ହରିବନ୍ଧୁ



ସେ କୌଣସି ଆର୍ଟ କଲେଜରେ ପାଠ ପଢ଼ିନାହାନ୍ତି କି କେଉଁଠି ତାଲିମ୍ ମଧ୍ୟ ନେଇନାହାନ୍ତି। କିନ୍ତୁ ଏବେ ସେ ଜଣେ ପରିଚିତ ମୂର୍ତ୍ତିକାର...

**ସେ** କୌଣସି ଆର୍ଟ କଲେଜରେ ପାଠ ପଢ଼ିନାହାନ୍ତି କି କେଉଁଠି ତାଲିମ୍ ମଧ୍ୟ ନେଇନାହାନ୍ତି । ଘରେ ତାଙ୍କ ବାପା ଯେଉଁସବୁ ମୂର୍ତ୍ତି ଗଢୁଥିଲେ ତାହାକୁ ସେ ଦେଖୁଥିଲେ । କିପରି ଜଣେ ଭଲ ଶିଳ୍ପୀ ହେବେ ସେଥିପାଇଁ ପ୍ରଥମେ ସେ କେତୋଟି ଛୋଟ ଛୋଟ ମାଟିର ମୂର୍ତ୍ତି ତିଆରି କଲେ । ଏହା ଖୁବ୍ ସୁନ୍ଦର ହେବାରୁ ଅନ୍ୟମାନେ ତାଙ୍କୁ ଉତ୍ସାହିତ କରିଥିଲେ । ଫଳରେ ଏହି କଳା ପ୍ରତି ତାଙ୍କର ଆଗ୍ରହ ବଢ଼ିଯାଇଥିଲା । ସେବେଠାରୁ ଆଉ ସେ ପଛକୁ ଫେରି ଚାହିଁନାହାନ୍ତି । ସେ ହେଲେ ଶିଳ୍ପୀ **ହରିବନ୍ଧୁ ଦାସ** । ନୟାଗଡ଼ ଜିଲା ଇଟାମାଟି ଗ୍ରାମର ଏକ ଶିଳ୍ପୀ ପରିବାରରେ ତାଙ୍କର ଜନ୍ମ । ମାତା ସୁମିତ୍ରା ଦାସ, ପିତା ବାଞ୍ଛାନିଧି ଦାସ । ସେ କୁହନ୍ତି, ଜେଜେ ଲିଙ୍ଗରାଜ ଦାସ ମହାପାତ୍ର ଓ ବାପା ଆମ ଅଞ୍ଚଳରେ ପାରମ୍ପରିକ ମୃତ୍ତିକା ଶିଳ୍ପୀ ଭାବେ ପରିଚିତ । ତାଙ୍କର ପ୍ରେରଣାରେ ଏହି କଳା ଶିଖିଛି । ଖୁବ୍ କମ୍ ପାଠ ପଢ଼ିଛି । ପାଠରେ ମନ ଲାଗିଲାନି । ବାପାଙ୍କ ପାଖରେ ବସି ମୂର୍ତ୍ତି କାମ କଲି । ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି କରିଛି । କିଛିବର୍ଷ ପୁରୀରେ ରହି ପୁରୀର ଜଣାଶୁଣା ହସ୍ତଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରାଙ୍କଠାରୁ ଏହି ହସ୍ତଶିଳ୍ପ କଳା ସମ୍ପର୍କରେ ତାଲିମ ନେଇଛି । ଏହାପରେ ହାଇଦ୍ରାବାଦ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ବମ୍ବେ, ସିକିମ୍, ଅଗରତାଲା, ତ୍ରିପୁରା ଆଦି ଏକାଧିକ ସହରରେ ଯାଇ ମୂର୍ତ୍ତି ତିଆରି କରିଛି । ଏପରିକି ଢାକାର ଶ୍ରୀଚୈତନ୍ୟ ଗୌଡ଼ ଆଶ୍ରମରେ ରହି ବିଭିନ୍ନ ମୂର୍ତ୍ତି ନିର୍ମାଣ କରିଛି । ମୋର ଗୋଟେ ଘଟଣା ମନେପଡେ । ହାଇଦ୍ରାବାଦରେ ୱାଇ.ଏସ୍. ରେଡ୍ଡୀଙ୍କ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିକୁ ୧୨ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିଥିବା ବେଳେ ଏହାକୁ ଦେଖି ଅନ୍ୟ କେତେଜଣ ଶିଳ୍ପୀ ଆଶ୍ଚର୍ଯ୍ୟ ହୋଇ କହିଥିଲେ, ଏହି କାମ ଅନ୍ୟୂନ ୪ ମାସ ଲାଗିବା କଥା । ଏତେ ଶୀଘ୍ର କିପରି ଏହି ନିଖୁଣ ପ୍ରତିମୂର୍ତ୍ତି ନିର୍ମାଣ କରିପାରିଲ ! ଆଉ ଏକ ଘଟଣା, ଥରେ ଅଗରତଲାରେ ହସ୍ତଶିଳ୍ପ କାମ ଚାଲିଥାଏ, ସେହି ନିକଟରେ ଏକ ଆର୍ଟ କଲେଜ ଥିଲା । ସେଠାକାର ଛାତ୍ରୀଛାତ୍ର ଆସି ମୁଁ ତିଆରି କରିଥିବା ବିଭିନ୍ନ ମୂର୍ତ୍ତିକୁ ଦେଖି ଅନୁଧ୍ୟାନ କରିବା ସହ ଶିଖୁଥିଲେ । ଯେତେବେଳେ ମୁଁ ସେମାନଙ୍କୁ କହିଲି ଯେ, ମୁଁ କୌଣସି ଆର୍ଟ କଲେଜରେ ପାଠ ପଢ଼ିନି କିନ୍ତୁ ଅନେକ ମୂର୍ତ୍ତି ତିଆରିର ଅଭିଜ୍ଞତା ରହିଛି । ଏହାଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଏହାଛଡ଼ା ମୁଁ ତୈଳଚିତ୍ର ଓ ଫାଇବରରେ ମଧ୍ୟ ନାନା କଳାକୃତି ତିଆରି କରିଥାଏ । ଏବେ ମୋର ବୟସ ୭୦ ଟପିସାରିଲାଣି । ତଥାପି ମୋ କାମ ଚାଲିଛି । ମୋ ସହ ୭ ଜଣ ଶିଳ୍ପୀ କାମ କରୁଛନ୍ତି । ଏଥିରେ ପତ୍ନୀ ଊର୍ମିଳା ସହଯୋଗ କରିଥାନ୍ତି । ସେ ମଧ୍ୟ ଜଣେ ଚିତ୍ରକର । ଏହା ମୋତେ ଅଧିକ ଉତ୍ସାହିତ କରିଥାଏ । ବର୍ତ୍ତମାନ ୧୦/୧୨ଜଣ ଉତ୍ତମ ଛାତ୍ର ମୋ'ଠାରୁ ତାଲିମ ପାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏଥିପାଇଁ ମୁଁ ବହୁତ ଖୁସି । ଜଣେ ଉତ୍ତମ ଶିଳ୍ପୀ କେବେ ବି ଅଭାବ ଅନଟନର ସମ୍ମୁଖୀନ ହେବନାହିଁ, ଏ ବିଶ୍ୱାସ ମୋର ରହିଛି । ଏହି ଶିଳ୍ପୀ କାମରୁ ବାର୍ଷିକ ୩/୪ ଲକ୍ଷ ଟଙ୍କା ରୋଜଗାର ହୋଇପାରୁଛି ; ଯେଉଁଥିରେ ମୋର ପରିବାର ସୁରୁଖୁରୁରେ ଚଳିପାରୁଛି ।








# ପରିଚୟ ମୋର ପଟ୍ଟଚିତ୍ର



**ପି**ଲାଦିନରୁ ତାଙ୍କର ଚିତ୍ରକଳା ପ୍ରତି ରୁଚି ରହିଥିଲା । ସ୍କୁଲରେ ଆୟୋଜିତ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଉଥିଲେ । ପରବର୍ତ୍ତୀ ସମୟରେ ପଟ୍ଟଚିତ୍ର ଆଙ୍କିବାରେ ମନ ନିବେଶ କଲେ । ସେ ହେଲେ ପଟ୍ଟଚିତ୍ର ଶିଳ୍ପୀ **ସୁଶ୍ରୀ ରୋମିନା ସାହୁ** । ତାଙ୍କ ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର ଶଙ୍ଖେଶ୍ୱରବଣିଆ ସାହିରେ । ସେ କୁହନ୍ତି, ପୌରାଣିକ ଚିତ୍ର ମୋର ଖୁବ୍ ପ୍ରିୟ । ତେଣୁ ମୋର ପାରମ୍ପରିକ ପଟ୍ଟଚିତ୍ର କଳା ପ୍ରତି ଆକର୍ଷଣ ବଢ଼ିଲା । ବଡ଼ ଭଉଣୀର ପ୍ରେରଣାରେ ଯୁକ୍ତ ଦୁଇ ପରେ ଭୁବନେଶ୍ୱରଠାରେ ଥିବା ରାଜ୍ୟ ହସ୍ତଶିଳ୍ପ ତାଲିମ୍ କେନ୍ଦ୍ରରେ ୧୯୯୭ ମସିହାରୁ ୪ ବର୍ଷିୟା ପଟ୍ଟଚିତ୍ର ହସ୍ତ ଶିଳ୍ପକଳା ତାଲିମ ନେଇଥିଲି । ମୋର ଗୁରୁ ଥିଲେ ଶିଳ୍ପୀ ଦୀନବନ୍ଧୁ ମହାପାତ୍ର । ପଟ୍ଟଚିତ୍ରରେ ସାଧାରଣତଃ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ, ଶ୍ରୀକୃଷ୍ଣଙ୍କ କାଳୀୟ ଦଳନ, ଶ୍ରୀରାମଚନ୍ଦ୍ରଙ୍କ ନୌକାଯାତ୍ରା, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ନର୍ତ୍ତକୀ, ବୋଇତ ବନ୍ଦାଣ, ରଜଦୋଳି, ଶ୍ରୀଗଣେଶ, ସବାରି ପାଲିଙ୍କି, ବରକନ୍ୟାଙ୍କ ଶୁଭବିବାହ ଯାତ୍ରା, ଶୁଆଶାରୀ, ହାତୀ, ମୟୂର ଆଦି ଚିତ୍ର କରାଯାଇଥାଏ । ଗୋଟିଏ ବିଷୟବସ୍ତୁର ଚିତ୍ର ତିଆରି ପାଇଁ ଜଣେ କାରିଗରକୁ ମାପ ଅନୁସାରେ ନିର୍ଦ୍ଦିଷ୍ଟ ସମୟ ଲାଗିଥାଏ । ଏଯାଏ ୪ ଶହରୁ ଊର୍ଦ୍ଧ୍ୱ ପଟ୍ଟଚିତ୍ର କରିସାରିଲାଣି । ପ୍ରଥମେ ତାଳପତ୍ର ସଂଗ୍ରହକରି ତାକୁ ସାଇଜ୍ କରି କାଟି ଖରାରେ ଶୁଖାଇଥାଉ । ପରେ ନିମ୍ବପତ୍ର ପାଣି ଫୁଟାଇ ସେହି ତାଳପତ୍ରକୁ ଭିଜେଇଦେଉ । ଆବଶ୍ୟକ ଚିତ୍ର ପାଇଁ ସୂତାରେ ତାଳପତ୍ରକୁ ବାନ୍ଧିଥାଉ । ପରେ ମାପ ଅନୁସାରେ ତାଳପତ୍ରରେ ଡ୍ରଇଂ କରାଯାଇଥାଏ । ଲେଖନୀରେ ଚିତ୍ରକୁ ଖୋଦେଇକରି କଇଥ ଅଠା ବ୍ୟବହାର କରାଯାଇଥାଏ ।

ସେହିପରି କେହି କେହି କଟନ ଶାଢ଼ିରେ ଏହି କଳାକୁ ରୂପ ଦେଇଥାନ୍ତି । ଏଥିପାଇଁ ଶାଢ଼ିକୁ ତଳେ ପକାଇ ସେଥିରେ ତେନ୍ତୁଳିମଞ୍ଜ ଦେଇ ଶୁଖାଇଥାନ୍ତି । ଦ୍ୱିତୀୟଥର ଅଠା ମଣ୍ଡ ଦିଆଯାଇଥାଏ । ଏହାପରେ ଖଡ଼ିଗୁଣ୍ଡ ପ୍ରଲେପ ଦିଆଯାଏ । ଏହାକୁ ପଲିଶ୍ କରିବା ଲାଗି ଖୁଆପଥର ଘଷାଯାଇଥାଏ । ତା'ପରେ ପେନ୍‌ସିଲ୍‌ରେ ସ୍କେଚ୍ କରି ତା' ଉପରେ ଅଙ୍କନ କରାଯାଏ । ଏହାପରେ ହେଙ୍ଗୁଳ, ହରିତାଳ, ସଫେଦ, ପିହୁଳି, ଖଣ୍ଡନୀଳ, ସିନ୍ଦୂର, ଗେରୁ ଓ ପୋଲାଙ୍ଗ ତେଲରେ ଜଳାଯାଇଥିବା ଦୀପ କଳିତାର କଳା ଆଦି ବିଭିନ୍ନ ପ୍ରାକୃତିକ ରଙ୍ଗକୁ ବ୍ୟବହାର କରାଯାଏ । ଗୋଟିଏ ଗୋଟିଏ ତାଳପତ୍ର ଚିତ୍ରର ମୂଲ୍ୟ ୧୦୦ରୁ ଆରମ୍ଭକରି ୧୨ହଜାର ଟଙ୍କା ଯାଏ ବିକ୍ରି କରାଯାଇଥାଏ । ଏହି ପଟ୍ଟଚିତ୍ର କଳା ରୋଜଗାର ସହ ପରିଚିତି ଦେଇପାରିଛି । ଏଥିପାଇଁ ମୁଁ ଓଡ଼ିଶା ଶିଳ୍ପସଂଘର ୨୦୨୨ ରାଜ୍ୟସ୍ତରୀୟ ସମାବେଶରେ ସମ୍ମାନିତ ହୋଇଛି । ମୁଁ ଏହି ପରମ୍ପରା କିପରି ବଞ୍ଚି ରହିବ ସେହି ପ୍ରୟାସ ସବୁବେଳେ ଜାରି ରଖିବି ।



– ବନବିହାରୀ ବେହେରା




## ହାଃ ହାଃ

### ଫେଭରେଟ୍
ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ମତେ ତୁମ ଦାନ୍ତ ବହୁତ ଭଲ ଲାଗେ ।
ଗର୍ଲଫ୍ରେଣ୍ଡ: ସତ !
ବୟଫ୍ରେଣ୍ଡ: ହଁ ।
ଗର୍ଲଫ୍ରେଣ୍ଡ: କାହିଁକି ?
ବୟଫ୍ରେଣ୍ଡ: କାରଣ ମୋର ଫେଭରେଟ୍ କଲର୍ ହେଉଛି ୟେଲୋ ।


### ଅସୁରକ୍ଷିତ
ଗୋପୀ ରାଜୁକୁ: କହିଲୁ ଦେଖି ମଣିଷ ନିଜକୁ ସବୁଠୁ ଅସୁରକ୍ଷିତ କେବେ ମନେ କରେ ?
ରାଜୁ: ଯେବେ ସେ ଟୟଲେଟ୍‌ରେ ଥାଏ ଓ ଭିତରପଟର କୁଣ୍ଡି ଖରାପ ହେଇଯାଇଥାଏ ।

### ବନ୍ଦ କରିଦିଅ
ମନୋଜ ଦୁଃଖରେ ଭାଙ୍ଗିପଡ଼ି– ଜୀବନଟା ନର୍କ ହେଇଗଲାଣି ।
ସେତିକିବେଳେ ଯମରାଜ ଆସି– ହା...ହା..ହା.. ଚିନ୍ତା କରନା ।
ମନୋଜ– ତମେ କିଏ ଭାଇ ?
ଯମରାଜ– ମୁଁ ଯମ । ତୁମ ପାପର କଳସ ପୂର୍ଣ୍ଣ ହୋଇଗଲାଣି । ଚାଲ ମୋ ସାଙ୍ଗରେ ।
ମନୋଜ– କଳସ ପୂର୍ଣ୍ଣ ହେଲାଣି ତ ମୋଟର ବନ୍ଦ କରି ଦିଅ । ମୁଁ କାହିଁକି ତମ ସାଙ୍ଗରେ ଯିବି ?

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ଦୀପାବଳିରେ କେଉଁଠି ବୁଲିବେ

ଅଶୁଭ ଉପରେ ଶୁଭ, ପାପ ଉପରେ ପୁଣ୍ୟ, ଅନ୍ଧାର ଉପରେ ଆଲୋକର ବିଜୟପ୍ରାପ୍ତିର ପ୍ରତୀକ ଭାବେ ଦୀପାବଳି ପର୍ବକୁ ଦେଶର ବିଭିନ୍ନ ସ୍ଥାନରେ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ । ତେଣୁ ଏହି ଦୀପାବଳି ଅବସରରେ କେଉଁ ସ୍ଥାନକୁ ବୁଲିଗଲେ ନିଆରା ଅନୁଭୂତି ସାଉଁଟିହେବ ଜାଣନ୍ତୁ ସେ ସମ୍ପର୍କରେ...

ଆଲୋକର ପର୍ବ ଦୀପାବଳିରେ ଦୀପ ଜାଳି, ରଙ୍ଗୀନ ଆଲୋକମାଳରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ଗହଣରେ ମଉଜ ମଜଲିସ୍‌ରେ କେମିତି ଏହି ଶୁଭଦିନଟି ବିତିଯାଏ ଆଦୌ ଜଣାପଡେନି । କେହି କେହି ତ ଏହି ପର୍ବ ଅବସରରେ ବାହାରକୁ କୁଆଡ଼େ ବୁଲିଯିବାକୁ ପ୍ଲାନିଂ ମଧ୍ୟ କରିଥାନ୍ତି । ଯଦି ସେମିତି କିଛି ପ୍ଲାନିଂ ଥାଏ, ତା'ହେଲେ ଜାଣି ନିଅନ୍ତୁ ଦେଶର କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦୀପାବଳି ଛୁଟିର ଭରପୂର୍ ଆନନ୍ଦ ଉଠାଇହେବ...

**✲କୋଲକାତା:** ନିଜର ବିବିଧତା, ବିଶେଷତା, ସାହିତ୍ୟ, ସଂସ୍କୃତି ବ୍ୟତିତ ପର୍ବପର୍ବାଣି କ୍ଷେତ୍ରରେ ବି କୋଲକାତା ସବୁବେଳେ ଖାସ୍ ରହିଆସିଛି । ଦଶହରା ହେଉ ଅବା ଦୀପାବଳି ପର୍ବକୁ ବେଶ୍ ଆନନ୍ଦଉତ୍ସାହର ସହ ପାଳିଥାନ୍ତି ଏଠାକାର ବାସିନ୍ଦା । ଦୀପ ଜାଳି, ରଙ୍ଗୀନ ଆଲୋକମାଳରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ସହ ମଜାମଜ୍‌ଲିସ୍‌ରେ ଏଠାକାର ଲୋକେ ଏତେ ମଜ୍ଜି ଯାଇଥାନ୍ତି ଯେ, ପାର୍ବଣର ଋତୁ ଏଠାରେ ଆହୁରି ରଙ୍ଗୀନ ହୋଇ ଉଠେ । ସେହିପରି ଏଠାକୁ ବୁଲି ଆସୁଥିବା ଆଗନ୍ତୁକ ବି ଏଠାରେ ଦୀପାବଳିର ଭରପୂର ମଜା ନେବା ସହ ଏଠାରେ ଥିବା ଅନେକ ମାତା କାଳୀଙ୍କର ମନ୍ଦିର ବୁଲିବାର ଆନନ୍ଦ ଲଭିଥାନ୍ତି ।



**✲ବାରଣାସୀ:** ଉତ୍ତରପ୍ରଦେଶରେ ଥିବା ଏହି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀଟି ଲୋକମୁଖରେ ବନାରସ ତଥା କାଶୀ ନାମରେ ବି ବେଶ୍ ପରିଚିତ । ଏହା ଦୁନିଆର ସବୁଠାରୁ ପ୍ରାଚୀନ ତଥା ନିରନ୍ତର ପ୍ରଗତି ପଥରେ ଅଗ୍ରସର ହେଉଥିବା ଏକ ସହର ଭାବେ ମଧ୍ୟ ଜଣାଶୁଣା । ହିନ୍ଦୁ ଧର୍ମର ସବୁଠାରୁ ପବିତ୍ରତମ ସହର ଭାବେ ବି ଏହା ଖ୍ୟାତ । ଏହି ସହରକୁ ନେଇ ହିନ୍ଦୁ ଧର୍ମରେ ଏକ ମାନ୍ୟତା ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କର ଏଠାରେ ମୃତ୍ୟୁ ହୋଇଯାଏ କିମ୍ବା ଏଠାରେ କାହାର ଯଦି ଅନ୍ତିମ ସଂସ୍କାର କରାଯାଏ ; ତା'ହେଲେ ତାଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ତେବେ ଦୀପାବଳି ଅବସରରେ ଲକ୍ଷାଧିକ ଦ୍ୱୀପରେ ତଥା ରଙ୍ଗୀନ ଆଲୋକମାଳରେ ଏଠାକାର ପବିତ୍ର ଘାଟ ସଜାଯାଇଥିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକରେ ମନ୍ତ୍ରମୁଗ୍ଧ ହୋଇଯିବେ ।




**✲ଦିଲ୍ଲୀ:** ଉଭୟ ପ୍ରାଚୀନତା ତଥା ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଥାଏ ଏଠାରେ । ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ, ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର୍ ଆନନ୍ଦ ଉଠାଇ ହୁଏ । ବିଶେଷ କରି ଦୀପାବଳି ପର୍ବ ଅବସରରେ ଏଠାକୁ ବୁଲିଗଲେ ମନ ମିଜାଜ୍ ଖୁସି ହୋଇଗଲା ପରି ଲାଗେ । କାରଣ  ଏହି ପର୍ବକୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ଦିଲ୍ଲୀ ସହର ରଙ୍ଗୀନ ଆଲୋକମାଳରେ ସଜେଇ ହୋଇ ପଡିଥାଏ । ଏଥିସହିତ ସମସ୍ତଙ୍କ ଦୁଆର ଆଗରେ ରଙ୍ଗବେରଙ୍ଗର ରଙ୍ଗୋଲି ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ରାସ୍ତାରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପେଟ ପୁରିଗଲା ଭଳି ଅନୁଭବ ହୁଏ । ସ୍ଥାନେ ସ୍ଥାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ ; ଯାହା ସ୍ଥାନୀୟ ଲୋକ ହୁଅନ୍ତୁ ବା ପର୍ଯ୍ୟଟକ ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥାଏ ।

**✲ଜୟପୁର:** 'ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଏହି ସହରଟିରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ । ହିନ୍ଦୁ ବାସ୍ତୁକଳାର ଅନେକ ନିଚ୍ଛକ ଉଦାହରଣ ଏହି ସହରରେ ହିଁ ଦେଖିବାକୁ ମିଳେ । ଦୀପାବଳୀ ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ । ତା'ସହିତ ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ ।

**✲ ମୁମ୍ବାଇ:** ଏଠାରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମରେ ପାଳନ କରାଯାଇଥାଏ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଅନେକ ଝଲକ ବି ଏଠାରେ ଦେଖିବାକୁ ମିଳେ ।

ତେବେ କେବଳ ଏହିସବୁ ସ୍ଥାନ ନୁହେଁ, ଅମୃତସର, ଶିବକାଶୀ, ଗୁଜରାଟ, ଗୋଆରେ ବି ଦୀପାବଳୀକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ ; ଯେଉଁଠାକୁ ପର୍ଯ୍ୟଟକ ଯାଇ ଛୁଟିର ଭରପୂର ଆନନ୍ଦ ଉଠାଇପାରିବେ ।




# ଲିଫ୍ଟରେ ଦର୍ପଣ କାହିଁକି ଲାଗିଥାଏ

**ସେ ଶପିଂ ମଲ୍ ହେଉକି କୌଣସି ବିଲ୍ଡିଂର ଲିଫ୍ଟ, ଦେଖିଥିବେ ପ୍ରାୟ ଅଧିକାଂଶ ଲିଫ୍ଟରେ ମିରର୍ ବା ଦର୍ପଣ ଲାଗିଥାଏ । ହେଲେ କେବେ ଭାବିଛନ୍ତି କି ଲିଫ୍ଟରେ ଦର୍ପଣ କ'ଣ ପାଇଁ ଥାଏ ? ଏଥର ଜାଣନ୍ତୁ ସେ ସମ୍ପର୍କରେ...**



**ଆ**ମେ ଲିଫ୍ଟରେ ଗଲାବେଳେ ସେଥିରେ ଥିବା ମିରର୍‌ରେ ଚେହେରା ଠିକ୍ କରିଥାଉ, କେଶ ସଜାଉ, ଡ୍ରେସ୍ ଠିକ୍ କରୁ । ତେବେ ଏହି ମିରର୍ କ'ଣ କେବଳ ଏହି କାମ କରିବା ପାଇଁ ଥାଏ ନା ଏହାକୁ ଲଗାଇବା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ଥାଏ ?

କିଛି ମିଡିଆ ରିପୋର୍ଟ ଅନୁସାରେ ଜାପାନର ଏଲିଭେଟର ଆସୋସିଏଶନ୍ ଗାଇଡଲାଇନ୍ ଜାରି କରିଥିଲା ଯେ, ସବୁ ଏଲିଭେଟର୍‌ରେ ମିରର୍ ରହିବା ଅନିବାର୍ଯ୍ୟ । ଲୋକଙ୍କ ମେଣ୍ଟାଲ ହେଲ୍‌ଥକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା । ଭାବୁଥିବେ ଏହି ମିରର୍‌ର ମେଣ୍ଟାଲ ହେଲ୍‌ଥ ସହ ବା ସମ୍ପର୍କ କ'ଣ ? କ୍ଲଷ୍ଟ୍ରୋଫୋବିଆ କଥା ଅନେକେ ଶୁଣିଥିବେ । ଏହା ଏମିତି ଏକ ସ୍ଥିତି ଯେଉଁଥିରେ ଲୋକଙ୍କୁ ଛୋଟ ବା ସଂକୀର୍ଣ୍ଣ ସ୍ଥାନ ବହୁତ ଡର ଲାଗେ । ଅର୍ଥାତ୍ କିଛି ଲୋକଙ୍କୁ ଲିଫ୍ଟ ଅବା ସେହିଭଳି ସଂକୀର୍ଣ୍ଣ ସ୍ଥାନରେ ଯିବାବେଳେ ଏତେ ଡର ଲାଗିଥାଏ ଯେ, ଭୟରେ ସେମାନଙ୍କ ଶ୍ୱାସକ୍ରିୟା ଓ ହୃଦ୍‌ସ୍ପନ୍ଦନ ବଢ଼ିଯାଏ । ଫଳରେ ହୃଦ୍‌ଘାତ ହେବାର ଆଶଙ୍କା ବି ବଢ଼ିଯାଏ । ଏଭଳି ସମସ୍ୟାକୁ ଏଡ଼ାଇବା ଲାଗି ହିଁ ଲିଫ୍ଟରେ ମିରର୍ ଲଗାଯାଏ । ମିରର୍ ଲଗାଇବା ଦ୍ୱାରା ଲିଫ୍ଟ ବଡ଼ ଦେଖାଯାଏ । ଖୋଲା ଖୋଲା ଲାଗେ । ଫଳରେ ଲିଫ୍ଟରେ ଯିବାର ଭୟ ଅନେକାଂଶରେ କମିଯାଏ । କାଚ ଲଗାଇବାର ଆଉ ଏକ ବଡ଼ କାରଣ ହେଉଛି ଧ୍ୟାନ ହଟାଇବା । ଯେଉଁ ଲିଫ୍ଟ ଉଚ୍ଚ ବିଲ୍ଡିଂରେ ଲାଗିଥାଏ ସେଠି ରହୁଥିବା ଲୋକଙ୍କୁ ବେଶି ସମୟ ଲିଫ୍ଟରେ ରହିବାକୁ ପଡ଼େ । ଖାସ୍‌କରି ସେଠାକାର ଲିଫ୍ଟରେ ଦର୍ପଣ ଲଗା ଯାଇଥାଏ, ଯଦ୍ୱାରା କି ଲୋକଙ୍କ ଧ୍ୟାନ ହଟିବ ଓ ଲାଗିବ ନାହିଁ ଯେ, ସେମାନେ ଲିଫ୍ଟର ଆବଦ୍ଧ କୋଠରି ଭିତରେ ଅଛନ୍ତି ଅବା ଅନୁଭବ କରିପାରିବେ ନାହିଁ କେତେ ଉଚ୍ଚତା ସେମାନଙ୍କୁ ଯିବାକୁ ପଡୁଛି । ଏହାବାଦ୍ ଏହା ବୋର୍ ହେବାକୁ ବି ଦିଏନା । ନିଜକୁ ଦେଖିବା, ନିଜକୁ ସଜାଡିବାରେ ସମୟ ପଳାଏ । ସୁରକ୍ଷା ଦୃଷ୍ଟିରୁ ବି ଏହାକୁ ଲଗାଯାଏ । ଆଗ ପଛ ଚାରିଆଡ଼େ ଦର୍ପଣ ଲାଗିଥିବାରୁ ପାଖରେ ଯିଏ ବି ଥାଆନ୍ତି ସେ ଯାହା ବି କରନ୍ତି ସବୁ ଦେଖାଯାଏ । ସେମାନଙ୍କର ପ୍ରତି କାର୍ଯ୍ୟକଳାପ ଉପରେ ନଜର ରଖିହୁଏ । ତେଣୁ କିଛି ଅଭାବନୀୟ ଘଟଣା ଘଟିବାରୁ ବି ସୁରକ୍ଷା ମିଳେ ।







# ପ୍ଲାଷ୍ଟିକ୍ କି'କାର୍ଡରେ ତିଆରି ହୋଟେଲ

**କୌ**ଣସି ଜିନିଷ ଅଦରକାରୀ ନୁହେଁ । ବ୍ୟବହାର କରି ଜାଣିଲେ ଅଦରକାରୀ ଜିନିଷ ବି ଅତି ସୁନ୍ଦର ବ୍ୟବହାରଯୋଗ୍ୟ ହୋଇପାରେ । ଏଇ ଯେମିତି ନ୍ୟୁୟର୍କ, ମାନହଟନ୍‌ରେ ତିଆରି ହୋଇଥିବା ଏକ ହୋଟେଲ । ଉକ୍ତ ହୋଟେଲଟି ପ୍ଲାଷ୍ଟିକ କି' କାର୍ଡକୁ ବ୍ୟବହାର କରି ତିଆରି କରାଯାଇଛି । ହଲି ଡେ' ଇନ୍ ନାମକ ଉକ୍ତ ହୋଟେଲର ରୁମ୍, ଲବି, ବାଥ୍‌ରୁମ୍, ଗେଷ୍ଟରୁମ୍, ଆସବାବପତ୍ର ଆଦି ଅଦରକାରୀ ମନେହେଉଥିବା ଏହି ପ୍ଲାଷ୍ଟିକ କି' କାର୍ଡରେ ତିଆରି ହୋଇଛି । ଏହାକୁ ତିଆରି କରିଛନ୍ତି ବ୍ରାଏନ ବର୍ଜ । ଏହାର ଲବିରେ ୯ ଫୁଟ୍ ଉଚ୍ଚତାର ନ୍ୟୁୟର୍କ ଏମ୍ପାୟର ଷ୍ଟେଟ୍ ବିଲ୍ଡିଂର ଏକ ରିପ୍ଲିକା ତିଆରି କରିବାର ଯୋଜନା ବି ସେ କରିଛନ୍ତି । ବ୍ରାଏନ ଜଣେ ଗିନିଜ ୱାର୍ଲ୍ଡ ରେକର୍ଡଧାରୀ । ସେ ପୂର୍ବରୁ ତାସ୍‌ରେ ପୃଥିବୀର ସବୁଠୁ ଉଚ୍ଚାଘର କରି ରେକର୍ଡ କରିଛନ୍ତି । ଏବେ ସେ ପ୍ଲାଷ୍ଟିକ୍ କି'କାର୍ଡରେ ହୋଟେଲ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।







## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

(ଭାଗ –୩)

ଗତ ୨୯ ତାରିଖ ଲେଖାରେ ଆମେ ଦେବତା ଓ ଭଗବାନଙ୍କ ବାବଦରେ ଆଲୋଚନା କରିଥିଲୁ । ସଂସ୍କୃତ ବ୍ୟାକରଣ ଅନୁସାରେ 'ଦେବତା' ଶବ୍ଦଟି 'ଦେବ' 'ଧାତୁ'ରୁ ଆସିଛି । ଦେବ ଧାତୁ ଏକ ପରସ୍ମୈପଦ ପଦ । ଏଥିରେ 'ତଲ' ପ୍ରତ୍ୟୟ ହେଲେ 'ଦେବତା' ଶବ୍ଦ ହୁଏ । ଯିଏ ଜୀବଜଗତକୁ ଦିଅନ୍ତି ବା ଦାନ କରନ୍ତି, ସେ ଦେବତା । ପ୍ରତିବଦଳରେ ଦେବତାମାନଙ୍କର ପାଇବାର ଆଶା କିଛି ନ ଥାଏ । ଦେବତାମାନେ ସମ୍ପୂର୍ଣ୍ଣ ନିଷ୍କର୍ମୀ । ମଣିଷମାନେ ତାଙ୍କୁ ପୂଜା କରନ୍ତୁ ବା ନ କରନ୍ତୁ, କୃତଜ୍ଞତା ଜ୍ଞାପନ କରନ୍ତୁ ବା ନ କରନ୍ତୁ, ସ୍ତୁତି କରନ୍ତୁ ବା ନ କରନ୍ତୁ, ଦେବତାମାନଙ୍କର ସେଥିରେ କିଛି ଯାଆସ ନାହିଁ । ଗାଧୋଇସାରିବା ପରେ ଯିଏ ଅଣ୍ଟାଏ ପାଣିରେ ଠିଆହୋଇ ଆଞ୍ଜୁଳାଏ ପାଣି ସୂର୍ଯ୍ୟଙ୍କୁ ଅର୍ପଣ କରୁଛି, ତାକୁ ସୂର୍ଯ୍ୟ ଯେମିତି ଆଲୋକ ଦିଅନ୍ତି, ଯିଏ ସୂର୍ଯ୍ୟଙ୍କୁ ନମସ୍କାର କରୁନି, ସ୍ନାନ କରୁଛି କିନ୍ତୁ ସୂର୍ଯ୍ୟଙ୍କୁ ଜଳ ଟେକୁନି, ତାକୁ ମଧ୍ୟ ସେମିତି ସମ ପରିମାଣରେ ସୂର୍ଯ୍ୟ ନିଜ ଆଲୋକ ଓ ଉତ୍ତାପ ପ୍ରଦାନ କରନ୍ତି । ଦେବତାଙ୍କ ଏ ଗୁଣ ବାବଦରେ ମହର୍ଷି ଯାସ୍କ 'ନିରୁକ୍ତ'ରେ ଲେଖିଛନ୍ତି – ଦେବୋ ଦାନାତ୍ ବା ଦ୍ୟୁତନାଦବା ଦ୍ୱୀପନାଦବା ଦ୍ୟୁ ସ୍ଥାନେ ଭବତି ଇତି ବା ଦେବା (୭/୧୫) । ଅର୍ଥାତ୍ ଜୀବ ସମାଜକୁ ଦେବାର ଗୁଣ ଯାହାର ଥାଏ, ସେ ହେଉଛନ୍ତି ଦେବତା । ଦେବତାମାନେ ଜଡ଼ ହୋଇ ପାରନ୍ତି, ଚେତନ ବି ହୋଇପାରନ୍ତି ।

ଗତ ପ୍ରସ୍ତରେ ଆଲୋଚନା ବେଳେ ଆମେ 'ଭଗବାନ୍' ଶବ୍ଦକୁ ସାମାନ୍ୟ ଭାବେ ଆଲୋଚନା କରିଥିଲେ । ଆମେ 'ଧନବାନ୍' କାହାକୁ କହୁ? ଯାହାଙ୍କ ପାଖରେ ଅପର୍ଯ୍ୟାପ୍ତ ଧନ ଅଛି, ତାଙ୍କୁ ଆମେ ଧନବାନ୍ କହୁ । ଠିକ୍ ସେମିତି ବଳ ଥିବା ଲୋକକୁ ବଳବାନ୍, ଶୀଳ ଥିବା ଲୋକଙ୍କୁ ଶୀଳବାନ୍, ରୂପ ଥିବା ଲୋକଙ୍କୁ 'ରୂପବାନ୍, ଗୁଣ ଥିବା ଲୋକଙ୍କୁ 'ଗୁଣବାନ୍', ବୁଦ୍ଧି ଥିବା ଲୋକଙ୍କୁ 'ବୁଦ୍ଧିବାନ୍', ଶକ୍ତି ଥିବା ଲୋକଙ୍କୁ ଶକ୍ତିବାନ୍' ବୋଲି କୁହାଯାଏ । ଯଦି ଏହି ଭାବରେ ଭଗବାନ ଶବ୍ଦକୁ ପର୍ଯ୍ୟାଲୋଚନା କରାଯାଏ, ତେବେ 'ଭଗ' ଥିବା ଲୋକଙ୍କୁ 'ଭଗବାନ୍' କୁହାଯିବ ।

ଏଇଠି ପ୍ରଶ୍ନ ଉଠିବ ଯେ 'ଭଗ' ଶବ୍ଦର ଅର୍ଥ କ'ଣ ? ଏ ଭଗଟି ଏମିତି କେମିତିଆ ଜିନିଷ ଯେ ଏହାକୁ ରଖିଥିବା ଲୋକଟିକୁ ଆମେ 'ଭଗବାନ୍' ବୋଲି କହିବୁ । ଆମେ ଏହି 'ଭଗ' ବାବଦରେ ଜାଣିନୁ ବୋଲି ଯାହାକୁ ନାହିଁ ତାକୁ 'ଭଗବାନ୍' ଉପାଧିରେ ଭୂଷିତ କରିଦେଉଛୁ । ଆଉ ତ କେତେ ନିର୍ଲଜ ବା ଭଣ୍ଡ ନିଜକୁ ନିଜେ 'ଭଗବାନ୍' ବୋଲି କହିହେଉଛନ୍ତି । ଏଇ କିଛିବର୍ଷ ତଳେ ଜଣେ ଭଗବାନ୍ ଜେଲ ଯାଇଥିଲେ । ଏବେ ଅଜ୍ଞାତବାସରେ ଅଛନ୍ତି । ତାଙ୍କ ନାଁ ପୂର୍ବରୁ ଭଗବାନ୍ ଉପାଧି ନ ଯୋଡ଼ି ଯଦି ଆପଣ ତାଙ୍କ ନାଁ ଧରିଦେଲେ, ତେବେ କଥା ସରିଲା । ସିଏ ରାଗନ୍ତୁ କି ନ ରାଗନ୍ତୁ, ତାଙ୍କ ଅନ୍ଧ ଭକ୍ତବୃନ୍ଦ ଆପଣଙ୍କୁ ଘେରିଯିବେ । ଦ୍ୱାପର ଯୁଗରେ ଯେତେବେଳେ ଶ୍ରୀକୃଷ୍ଣ ଥିଲେ, ସେଇ ସମୟରେ ଗୋଟିଏ ଲୋକ ଆଉ ଦି'ଟା ନକଲି ହାତ ଲଗାଇ ଚାରି ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ନିଜକୁ ଅସଲି ଶ୍ରୀକୃଷ୍ଣ କହି ଦ୍ୱାରକାଧୀଶଙ୍କୁ ନକଲି ବୋଲି କହୁଥିଲା । ସେ ଲୋକଟା ନାଁ ଥିଲା ପୌଣ୍ଡ୍ରକ । ସେ ନିଜ ନାଁ ଦେଇଥିଲା ବାସୁଦେବ ପୌଣ୍ଡ୍ରକ । ସେହିଭଳି ଏ କଳିଯୁଗରେ ବହୁ ଭଗବାନ୍ ଅଛନ୍ତି । ସେମାନଙ୍କ ଭିତରୁ ଚାରେଣା ଏବେ ଭାରତର ବିଭିନ୍ନ ଜେଲରେ ଚକି ପେଷୁଛନ୍ତି । ଆଉ ଦଳେ ବାହାରେ ରହି ଲୋକଙ୍କୁ ଭ୍ରମିତ କରୁଛନ୍ତି । ଲୋକେ ବି ଅନ୍ଧ । ସେମାନେ ଯଦି 'ଭଗ' ଶବ୍ଦ କ'ଣ, ଏହା ଏକ ନା ଅନେକ ? ବୁଝିଥାନ୍ତେ ତେବେ ଭଣ୍ଡଙ୍କ ପଛରେ ଆଉ ଗୋଡ଼ାନ୍ତେ ନାହିଁ ।

ତେବେ 'ଭଗ' କାହାକୁ କୁହାଯାଏ ?



ପୁରାଣରେ ଉଲ୍ଲେଖ ଅଛି – ଉତ୍ପତ୍ତି ପ୍ରଳୟଂ ଚୈବ ଭୂତନାମ୍ ଅଗତିମ ଗତିଂ, ବେତ୍ତି ବିଦ୍ୟାମ୍ ଅବିଦ୍ୟାମ୍ ଚ ସବାଚ୍ୟୋ ଭଗବାନୀତି । ଯିଏ ଉତ୍ପତ୍ତି କରିପାରନ୍ତି, ପ୍ରଳୟ ବି କରିପାରନ୍ତି – ଅନନ୍ତ କୋଟି ଜୀବଜଗତର ଯିଏ ହେଉଛନ୍ତି ଗତି ଆଉ ଅଗତିର ନାଥ, ଯିଏ ସର୍ବଜ୍ଞ, କେବଳ ତାଙ୍କୁ ହିଁ ଭଗବାନ୍ କୁହାଯାଇଥାଏ । କୁହନ୍ତୁ ତ, ଏବେ ଭାରତବର୍ଷରେ ଏମିତି ଗୁଣ ଥିବା କିଏ ଅଛନ୍ତି, ଯାହାଙ୍କୁ ଆମେ 'ଭଗବାନ୍' କହିପାରିବା ? ଯେଉଁମାନେ ଅଛନ୍ତି ସେମାନଙ୍କୁ ଆମେ ସିଦ୍ଧ ସାଧୁସନ୍ଥ, ଗୁରୁ, ପରମହଂସ, ମଣ୍ଡଳେଶ୍ୱର, ମହାମଣ୍ଡଳେଶ୍ୱର, ପଥପ୍ରଦର୍ଶକ ବା ମାର୍ଗଦର୍ଶକ ବୋଲି କହିପାରିବା । କିନ୍ତୁ ସେମାନେ ଯେ ଆଉ ଗୋଟିଏ ପୃଥିବୀ ସୃଷ୍ଟି କରିଦେଇପାରିବେ ବା କୋଟି କୋଟି ଜୀବଜନ୍ତୁଙ୍କୁ ନିଜ କର୍ମର ଫଳ ଠିକ୍ ଭାବେ ହିସାବ କରି ଦେଇପାରିବେ, ଏ କଥା ନୁହେଁ । ତେବେ ସେମାନେ 'ଭଗବାନ୍' ହେଲେ କେମିତି? ଆମେ ଅତିଶୟ ଭକ୍ତିରେ ନିଜ ନିଜ ମାର୍ଗଦର୍ଶକଙ୍କୁ 'ଭଗବାନ୍' ବୋଲି ସମ୍ବୋଧନ କରିଦେଉଛେ । ଭାବ ଦୃଷ୍ଟିରୁ ଏହା ହୁଏତ ଠିକ୍ ହୋଇପାରେ କିନ୍ତୁ ଶାସ୍ତ୍ରୀୟ ମୀମାଂସା ଦୃଷ୍ଟିରୁ ଏହା ଆଦୌ ଠିକ୍ ନୁହେଁ ।

ଆଉ ଟିକେ ଆଗେଇବା । ଭଗ ଶବ୍ଦର ଆଉ ଗୋଟିଏ ସଂଜ୍ଞା ଅଛି । ଭଗ କହିଲେ ଛଅଟି ଗୁଣକୁ ବୁଝାଏ । ଯାହାଙ୍କ ପାଖରେ ଏ ଛଅଟା ଗୁଣ ସମ୍ପୂର୍ଣ୍ଣ ଭାବେ ଏକତ୍ର ସମାହିତ ହୋଇଥାଏ ତାହାଙ୍କୁ 'ଭଗବାନ୍' କୁହାଯାଏ । ଯିଏ ସେଇ ଛ'ଟି ଗୁଣର ଅଧିକାରୀ ବା ସ୍ୱାମୀ (ବାନ ଶବ୍ଦର ଅର୍ଥ ସ୍ୱାମୀ ) ସେ ହିଁ ଭଗବାନ୍ । ତେବେ ସେ ଛଅ ଟି ଗୁଣ କ'ଣ ?

ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ବୀର୍ଯ୍ୟସ୍ୟ ଯଶସ୍ୟ ଶ୍ରୀୟ,
ଜ୍ଞାନ ବୈରୋଗ୍ୟଚୈବ ଷଡ଼ାଭଗ ଇତି ସ୍ମୃତଃ ॥

ସେଇ ଛଅଟି ଗୁଣ ହେଉଛି – ସମଗ୍ର ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ । ଏ ଛଅଟି ଗୁଣରେ ଏମାନଙ୍କୁ ଟପିଲାବାଲା ସଂସାରରେ କେହି ନ ଥାନ୍ତି । ସେ ହେଉଛନ୍ତି ଭଗବାନ୍ ।

ଏଥର ବିଷ୍ଣୁ ପୁରାଣର ପୃଷ୍ଠା ଖୋଲନ୍ତୁ । ସେଥିରେ ଏକ ଶ୍ଳୋକ ଅଛି । ମହର୍ଷି ପରାଶର 'ଭଗ' ଶବ୍ଦର ଅର୍ଥକୁ ବାହାର କରିବାକୁ ଯାଇ ଲେଖିଛନ୍ତି :–

ଜ୍ଞାନଶକ୍ତି ବଳୈଶ୍ୱର୍ଯ୍ୟ ବୀର୍ଯ୍ୟମ ତେଜମ ସଶେଷତଃ ॥

ଅର୍ଥାତ୍ ଜ୍ଞାନ, ଶକ୍ତି, ବଳ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ ଓ ତେଜ – ଏ ଛଅଟି ଗୁଣ ଅଳ୍ପ କି ଅଧିକ ନୁହେଁ, ଭଲଭାବରେ ଶୁଣିରଖନ୍ତୁ ପାଠକେ, ସମ୍ପୂର୍ଣ୍ଣ ଭାବେ ଯାହାଙ୍କ ନିକଟରେ ଥାଏ, ତାଙ୍କୁ ହିଁ ଭଗବାନ୍ କୁହାଯାଏ । ଏଇ ଛଅ ଗୁଣକୁ 'ଭଗ' କୁହାଯାଏ । ପ୍ରଥମ ଗୁଣ ହେଉଛି ଜ୍ଞାନ । ଜ୍ଞାନ ଅଳ୍ପ ହେଉ କି ବହୁତ, ମୋ ପାଖରେ ଅଛି । ଆପଣଙ୍କ ପାଖରେ ବି ଅଛି । ରାମ, ଦାମ, ଶ୍ୟାମ, ଗୋବିନ୍ଦଙ୍କ ପାଖରେ ବି ଅଛି । ଆମଠାରୁ ଆଉ ବଡ଼ ବଡ଼ ଜ୍ଞାନୀ ବି ସଂସାରରେ ଅଛନ୍ତି । କିଏ କିଏ ଗୀତାରେ ଜ୍ଞାନୀ ତ କିଏ ବେଦବେଦାନ୍ତରେ ପ୍ରବୀଣ । କିଏ ଭିନ୍ନ ଭିନ୍ନ ଶାସ୍ତ୍ରରେ ପାଣ୍ଡିତ୍ୟ ହାସଲ କରିଥାନ୍ତି । ଯିଏ ଯେତେ ବଡ଼ ଗୁରୁ ବା ସଦ୍‌ଗୁରୁ ହେଲେ ବି ସେ କେବେ ଛାତିରେ ହାତଦେଇ କହିପାରିବେ ନାହିଁ ଯେ ସେ ସର୍ବଶ୍ରେଷ୍ଠ ଜ୍ଞାନୀ କିମ୍ବା ସବୁ ଶାସ୍ତ୍ରରେ ସେ ପାରଙ୍ଗମ ବୋଲି । ଏକମାତ୍ର ଭଗବାନ୍ ହିଁ ସ୍ୱୟଂ ସମ୍ପୂର୍ଣ୍ଣ ଜ୍ଞାନୀ । ସେ ଜ୍ଞାନମୟ ପୁରୁଷ । ତାଙ୍କଠାରୁ ଜ୍ଞାନ ଉତ୍ପତ୍ତି ହୁଏ । ସଂସାରରେ ଯେତେ ଜ୍ଞାନ ଅଛି ସେସବୁର ସେ ହିଁ ହେଉଛନ୍ତି ମାଲିକ । ଭଗବାନଙ୍କ ଜ୍ଞାନକୁ କଳନା କରିବା ଅଳ୍ପଜ୍ଞ ମନୁଷ୍ୟର ସାଧ୍ୟାତୀତ ।

ରାମ ହେଉଛନ୍ତି ଭଗବାନ୍ । ସେ ଦେବତା ନୁହନ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ୍ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି – କୃଷ୍ଣ ସ୍ତୁ ଭଗବାନ ସ୍ୱୟଂ । କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ୍ । ଭଗବାନଙ୍କର ଥିବା ଛଅଟି ଗୁଣ ମଧ୍ୟରୁ ପ୍ରଥମେ ଦେଖନ୍ତୁ ସେ କିପରି ଜ୍ଞାନୀ । ମହାଭାରତ ଯୁଦ୍ଧ ଆରମ୍ଭରେ ସେ ଚୁଟ୍‌କୀ ବା ମୁହୂର୍ତ୍ତକରେ ଅର୍ଜୁନଙ୍କୁ ଯେଉଁ ଗୀତା ଜ୍ଞାନ ପ୍ରଦାନ କରିଥିଲେ, ସେଇ ଗୀତା ହେଉଛି ଆଜି ବିଶ୍ୱରେ ସର୍ବାଧିକ ପ୍ରସାର ଓ ପ୍ରଚାର ହେଉଥିବା ପୁସ୍ତକ । ଗୀତା ଉପରେ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କଠୁ ଆରମ୍ଭକରି ସନ୍ଥ ଜ୍ଞାନେଶ୍ୱରଙ୍କ ପର୍ଯ୍ୟନ୍ତ କେତେ କେତେ ଜ୍ଞାନୀ ଯୋଗୀ ଭାଷ୍ୟ ରଚନା କଲେଣି । ତଥାପି ସେମାନେ ସନ୍ତୁଷ୍ଟ ନୁହନ୍ତି । ଦିନକୁ ଦିନ ଗୀତା ଉପରେ ଗବେଷଣା ବଢ଼ୁଛି । ଗୀତା କ'ଣ ? – ଆଜି ବି ଅନେକ ବଡ଼ ବଡ଼ ସାଧୁସନ୍ଥ ଏହାକୁ ଚିନ୍ତା କରି କରି ଥକି ଗଲେଣି । ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିମିଷେକ ମଧ୍ୟରେ କୁହାଯାଇଥିବା 'ଗୀତା ଜ୍ଞାନ'କୁ ନେଇ ଯଦି ଏତେ ଚର୍ଚ୍ଚା, ତେବେ ସେ କେତେ ଜ୍ଞାନର ଅଧିକାରୀ ସେ କଥା ଭାବନ୍ତୁ ପାଠକେ । ଜ୍ଞାନର ଭଣ୍ଡାର । ଜ୍ଞାନର ଗନ୍ତାଘର ସେ ।

ଜ୍ଞାନ ପରେ 'ଭଗ' ର ଦ୍ୱିତୀୟ ଗୁଣ ଆସୁଛି ଶକ୍ତି । ଭଗବାନଙ୍କ ପାଖରେ ଏତେ ଶକ୍ତି ଥାଏ ଯେ ତାକୁ କଳନା କରିବା ଅସମ୍ଭବ । ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ କିଭଳି ବଳ, ଶକ୍ତି, ତେଜ, ବୀର୍ଯ୍ୟ ଐଶ୍ୱର୍ଯ୍ୟ ଠୁଳ ହୋଇଥିଲା, ସେକଥା ଆଗାମୀ ମାସ ଶେଷ ସପ୍ତାହରେ ଆଲୋଚନା କରିବା ।

–ପ୍ରିନ୍ସିପାଲ, ଆପେକ୍ସ ଆଇଟିଆଇ, ପତ୍ରକଣା, ଜସର୍ଦା, କଟକ
ମୋ: ୯୪୩୭୨୯୨୬୯୯

## ସମୀକ୍ଷାୟନ

### ଚିରନ୍ତନୀ

**ସମ୍ପାଦିକା ସଂଯୁକ୍ତା ମହାପାତ୍ର, ମୂଲ୍ୟ– ୧୨୦ଟଙ୍କା**

ଚିରନ୍ତନୀର ଶାରଦୀୟ ସଂଖ୍ୟା ପ୍ରକାଶିତ ହୋଇଛି । ଏଥିରେ ଅନ୍ତର୍ଯ୍ୟାମୀ ମିଶ୍ର, ଡ. ସୁଚେତା ରାଉତଙ୍କ ସହ ୫ଟି ପ୍ରବନ୍ଧ ପ୍ରକାଶିତ ହୋଇଛି । ସେହିପରି ଅନୁବାଦରେ ମୋଟ ୯ଟି ଗପ ପ୍ରକାଶ ପାଇଛି । କବିତାରେ ସଦାଶିବ ଦାଶ, ଡ.ନୃସିଂହ ଚରଣ ଷଡଙ୍ଗୀ, ରଞ୍ଜନ କୁମାର ଦାସ, ପ୍ରଦୀପ ବିଶ୍ୱାଳ, ଶ୍ରୀହରି ଧଳ ଓ ସୁଶାନ୍ତ କୁମାର ନାୟକ ଆଦି ରହିଛନ୍ତି । ସେହିପରି ଗୀତି କବିତାରେ ମନୋଜ ପଟ୍ଟନାୟକ, ବାବାଜୀ ଚରଣ ଜେନା ଓ ଅନ୍ୟମାନେ ଅଛନ୍ତି । ଶିଶୁ କିଶୋର ଚିରନ୍ତନୀରେ ୫ଟି ଲେଖା ଏବଂ ବିଜ୍ଞାନ ଓ ସ୍ୱାସ୍ଥ୍ୟରେ ୬ଟି ଲେଖା ପ୍ରକାଶିତ ହୋଇଛି ।

### ଲେଖାଲେଖି

**ସମ୍ପାଦକ: ପ୍ରଦୀପ୍ତ କୁମାର ବେହୁରା, ମୂଲ୍ୟ–୫୫ଟଙ୍କା**

ଲେଖାଲେଖିର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଫିଚରରେ ଡ.ଚନ୍ଦ୍ରଶେଖର ହୋତା ଓ ରାଜୀବ ପାଣିଙ୍କ ଲେଖା ରହିଛି । ଗଳ୍ପରେ ପରେଶ ପଟ୍ଟନାୟକ, ସହଦେବ ସାହୁ, କାଶୀନାଥ ନନ୍ଦୀ ଓ ଜୀବନକୃଷ୍ଣ ମହାପାତ୍ର ଆଦି ଅଛନ୍ତି । କବିତାରେ ଭଗବାନ ଜୟସିଂହ, ବଂଶୀଧର ଷଡଙ୍ଗୀ, ଅମରେନ୍ଦ୍ର ଖଟୁଆ, ନୃସିଂହ ଷଡଙ୍ଗୀ ଓ ଅଭୟ ନାୟକ ଆଦିଙ୍କ କବିତା ରହିଛି । ଗୀତି କବିତାରେ ପୀୟୂଷ ପଟ୍ଟନାୟକ, କୃତ୍ତିବାସ ନାୟକ ଆଦି ରହିଛନ୍ତି ।

### ଆକଳନ

**ସମ୍ପାଦକ: ଶଶଧର ଦାସ, ମୂଲ୍ୟ–୧୪୦ଟଙ୍କା**

ଆକଳନର ଶାରଦୀୟ ସଂଖ୍ୟା ପ୍ରକାଶ ପାଇଛି । ଏଥିରେ କେବଳ ପ୍ରବନ୍ଧ ରହିଛି ; ଯେଉଁଥିରେ ନନ୍ଦ ମହାନ୍ତି, ଡ.କାନନ ମହାନ୍ତି, ପ୍ରୀତିଲତା ପଣ୍ଡା, ଡ଼.ବ୍ରହ୍ମାନନ୍ଦ ଖୁଣ୍ଟିଆ, ଡ଼. ସୁକାନ୍ତି ମହାପାତ୍ର, ଡ.ରମେଶ ଚନ୍ଦ୍ର ପାଣି, ଡ. ଦେବାଶିଷ ପାତ୍ର, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡ.ବିରଞ୍ଚି କୁମାର ସାହୁ, ଡ. ଜୟନ୍ତ କୁମାର ଦାସ, ଡ଼.ପ୍ରହ୍ଲାଦ ଖିଲ୍,ଡ଼.ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଡ଼.ଅରବିନ୍ଦ ଦାସ, ଡ. ସୁକାନ୍ତି ମହାପାତ୍ର, ମନସ୍ୱୀ ମହାନ୍ତି ଓ ନରେନ୍ଦ୍ର କୁମାର ଦାସଙ୍କ ଲେଖା ରହିଛି । ପ୍ରକାଶିତ ଲେଖାଗୁଡ଼ିକ ଉଚ୍ଚକୋଟିର ହୋଇଛି ।

### 'ଏଇ ସହକାର'

**ସମ୍ପାଦକ: ଲଳିତ କୁମାର ସ୍ୱାଇଁ,ମୂଲ୍ୟ–୧୫୦ଟଙ୍କା**

ପାର୍ବଣରେ ପ୍ରକାଶ ପାଇଛି ମାନସିଂହ ସାହିତ୍ୟ ସଂସଦର ମୁଖପତ୍ର 'ଏଇ ସହକାର' । ଆକର୍ଷଣୀୟ ପ୍ରଚ୍ଛଦ ସହ ବହୁ ପ୍ରବୀଣ ଓ ତରୁଣ କବି, ଲେଖକଙ୍କ ଲେଖାକୁ ନେଇ ପତ୍ରିକାଟି ମନଲୋଭା ହୋଇଛି । ମାନସିଂହଙ୍କ କବିତା ସହ ଧନଞ୍ଜୟ ସ୍ୱାଇଁ, ଶରତ ଜେନାଙ୍କ ସହ ଅନ୍ୟ ଧୂରୀଣ ଲେଖକମାନଙ୍କର ଛଳ ଛଳ କବିପଣକୁ ନେଇ କବିତା ବିଭାଗଟି ପୁଷ୍ଟ । ପ୍ରବନ୍ଧ ବିଭାଗରେ ଦିଲୀପ ସ୍ୱାଇଁ, ମନୋରମା ବିଶ୍ୱାଳ ମହାପାତ୍ରଙ୍କ ସହିତ ଗଳ୍ପ ବିଭାଗରେ ପ୍ରବୀଣା ମହାନ୍ତି, ମୋନାଲିସା ମିଶ୍ର, ସୁଷମା ମିଶ୍ର, ସରୋଜିନୀ ବରାଇଙ୍କ ଭଳି ସୁନାମଧନ୍ୟ ଗାଳ୍ପିକଙ୍କ ଗଳ୍ପ ଏହାକୁ ପରିପୁଷ୍ଟ କରିଛି । ଫିଚର ଓ ପୁସ୍ତକ ସମୀକ୍ଷା ବ୍ୟକ୍ତିତ୍ୱକୁ ନେଇ ପ୍ରତ୍ୟେକ ବିଭାଗରେ ବଳିଷ୍ଠ ସୃଜନାତ୍ମକ ଛାପ ଓ ପ୍ରଭାବ ସ୍ପଷ୍ଟ ବାରିହୋଇ ପଡୁଛି ।












# ମରୁଭୂମିରୁ ବାହାରିଛି ହାତ



ଉତ୍ତର ଚିଲିରେ ଥିବା ଆଟାକାମା ମରୁଭୂମି ହେଉଛି ପୃଥିବୀର ସବୁଠାରୁ ଶୁଷ୍କ ମରୁଭୂମି। ଏଠାରେ ବହୁତ କମ୍ ବର୍ଷା ହୁଏ। ୨୫ ବର୍ଷ ପୂର୍ବରୁ ଏହି ଶୁଷ୍କ ମରୁଭୂମିର ଆଣ୍ଟୋଫାଗାସ୍ତା ସହରର କପର୍ ମାଇନିଂ ସେଣ୍ଟର, ସାଣ୍ଟିଆଗୋର ସ୍ଥପତି ମାରିଓ ଇରାରାଜାବଲ୍‌ଙ୍କୁ ଏକ ସ୍ଥାପତ୍ୟ ନିର୍ମାଣ କରି ମରୁଭୂମିର ଶୂନ୍ୟତାକୁ ପୂରଣ କରିବାକୁ କହିଥିଲା। ଏହାପରେ ସେ କିଛି ଭିନ୍ନ କରିବାକୁ ଯୋଜନା କରି ସ୍ଥାପତ୍ୟ ନିର୍ମାଣ କାମ ଆରମ୍ଭ କରିଥିଲେ। ୧୯୯୨ ମାର୍ଚ୍ଚ ମାସରେ ସେ ଏକ ଅଦ୍ଭୁତ ସ୍ଥାପତ୍ୟର ନିର୍ମାଣ କାମ ସାରିଥିଲେ। ଆଉ ତାହା ଥିଲା ଏକ ବିରାଟକାୟ ହାତର ପାପୁଲି, ଯାହାକି ମରୁଭୂମିର ବାଲି ଭିତରୁ ବାହାରିଥିବା ଭଳି ଲାଗୁଥିଲା। ଆଣ୍ଟୋଫାଗାସ୍ତାର ଦକ୍ଷିଣକୁ ୧ ଘଣ୍ଟାର ଦୂରତାରେ ଅଛି ଏହି ବିରାଟକାୟ ହାତର ସ୍ଥାପତ୍ୟ। ୩୬ ଫୁଟ୍ ଉଚ୍ଚତାବିଶିଷ୍ଟ ଏହି ହାତ ସିମେଣ୍ଟ, କଂକ୍ରିଟ୍‌ରେ ତିଆରି। ଏହାର ଫ୍ରେମ୍ ଲୁହାରେ ନିର୍ମିତ। ବିସ୍ତୀର୍ଣ୍ଣ ମରୁଭୂମିରେ ଏହି ବିରାଟକାୟ ହାତ ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ।




# କଖାରୁରେ ଚଢ଼େଇ

କଖାରୁ ଖାଇବାକୁ ହୁଏତ ଅନେକଙ୍କୁ ଭଲ ନ ଲାଗିପାରେ। ହେଲେ କଖାରୁରେ ତିଆରି ଏହି କାରିଗରି ନିଶ୍ଚିତଭାବେ ସମସ୍ତଙ୍କୁ ଭଲ ଲାଗିବ। ବୁଲଗେରିଆର ଫୁଡ୍ ଆର୍ଟିଷ୍ଟ ଆଞ୍ଜେଲ ବୋରାଲିଭ ଏସବୁ କଳାକୃତିକୁ ତିଆରି କରିଛନ୍ତି। ହୋଟେଲ ଓ ରେଷ୍ଟୁରାଣ୍ଟ ଇଣ୍ଡଷ୍ଟ୍ରିରେ ସେ କାମ କରୁଥିଲେ ହେଁ ତାଙ୍କର ରୁଚି କଖାରୁ ଖୋଦେଇ କରି ସୁନ୍ଦର ସୁନ୍ଦର ଚଢେଇ କଳାକୃତି ଗଢିବା। ସେ ଏହାକୁ ଏତେ ନିଖୁଣଭାବେ କରନ୍ତି ଯେ, କଳାକୃତିଗୁଡିକ ବେଶ୍ ଜୀବନ୍ତ ଲାଗନ୍ତି। ବିଶ୍ୱାସ କରିହେବନି ଯେ, ସେସବୁ କଖାରୁରେ ତିଆରି ବୋଲି। ହଂସ, ବତକ, ଚିଲ, କୁକୁଡାଠୁ ଆରମ୍ଭ କରି ନାନା ପ୍ରଜାତିର ସୁନ୍ଦର ସୁନ୍ଦର ଚଢ଼େଇର କଳାକୃତି ସେ କଖାରୁ ଖୋଦେଇ କରି ତିଆରି କରିଥାନ୍ତି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ବି ସେ ଏହି କଳାକୃତିର ଫଟୋ ଓ ଭିଡ଼ିଓ ଶେୟାର କରନ୍ତି। ସେସବୁକୁ ଲୋକେ ବହୁତ ପସନ୍ଦ ବି କରନ୍ତି।



# ସବୁଠୁ ଛୋଟ ରୁ୍ୟବିକ୍ କ୍ୟୁବ୍



ରୁ୍ୟବିକ୍ କ୍ୟୁବ୍ ଏକ ବ୍ରେନ୍ ଗେମ୍। ଏହାକୁ ସଲ୍‌ଭ କରିବା ଏତେଟା ସହଜ ନୁହେଁ। ତେଣୁ ଅନେକେ ଏହାକୁ ସଲ୍‌ଭ କରିବା ଲାଗି ହାତରେ କ୍ୟୁବ୍ ଧରି ଦିନରାତି ଲାଗିରହନ୍ତି। ତେବେ ଏଠି ଯେଉଁ କ୍ୟୁବ୍ କଥା କୁହାଯାଉଛି ତାକୁ ହାତରେ ଧରି ବୁଲାଇ ବୁଲାଇ ସଲ୍‌ଭ କରିବା ଭାରି କଷ୍ଟକର। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଛୋଟ ରୁ୍ୟବିକ୍ କ୍ୟୁବ୍। ଜାପାନର ଟୟ ମେକର୍ ମେଗା ହାଉସ୍ ଏହି କ୍ୟୁବ୍‌କୁ ତିଆରି କରିଛି। ଆଲୁମିନିୟମ୍‌ରେ ତିଆରି ଉକ୍ତ କ୍ୟୁବ୍‌ର ପ୍ରତି ସାଇଡ୍ ୦.୧୯ ଇଞ୍ଚ, ଓଜନ ୦.୩୩ ଗ୍ରାମ ଓ ଏହାର ମୂଲ୍ୟ ୫,୩୨୦ ଡଲାର। ଏହାକୁ ତିଆରି କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏତେ ଛୋଟ କ୍ୟୁବ୍‌ର ରୋଟେଟିଂ ଫେସ୍ ତିଆରି କରିବା ସହଜ ନ ଥିଲା। ଉକ୍ତ ରୁ୍ୟବିକ୍ କ୍ୟୁବ୍ ସାଧାରଣ କ୍ୟୁବ୍‌ଠାରୁ ୧୦୦୦ଗୁଣ ଛୋଟ। ଏତେ ଛୋଟ କ୍ୟୁବ୍‌ର ଏତେ ଦାମ୍ ହେବା ଫଳରେ ଏହା ସାଧାରଣଭାବେ ବ୍ୟବହାର ନ ହୋଇ ସଂଗ୍ରହାଳୟରେ ସାଇତା ସାମଗ୍ରୀ ହୋଇ ରହିଯିବ। ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ଏହାକୁ ସବୁଠୁ କ୍ଷୁଦ୍ର କାର୍ଯ୍ୟକ୍ଷମ କ୍ୟୁବ୍‌ର ମାନ୍ୟତା ମିଳିଛି।

